# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 6 | ଭାଗ ୩୩ | ସଂଖ୍ୟା ୬ | Bhubaneswar | Friday 28 March 2025 | Page 8 Rs. 4.00 | ଭୁବନେଶ୍ୱର ଶୁକ୍ରବାର ୨୮ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



# ଓଡ଼ିଶାର ପ୍ରାକୃତିକ ସମ୍ପଦର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବାକୁ ନିବେଦନ

## ଆମ ପରିସମ୍ପତ୍ତିକୁ ସମର୍ଥନ କରନ୍ତୁ। କଳାହାଣ୍ଡିକୁ ସମର୍ଥନ କରନ୍ତୁ।




**ବକ୍ସାଇଟ୍ ଆମଦାନି ବନ୍ଦ କରନ୍ତୁ।**
**ସ୍ଥାନୀୟ ଉନ୍ନତି ଆରମ୍ଭ କରନ୍ତୁ।**

ବିଶ୍ୱର ସବୁଠାରୁ ବଡ଼ ବକ୍ସାଇଟ୍ ଭଣ୍ଡାର ଓଡ଼ିଶାରେ ରହିଛି। ଏହା ଦ୍ୱାରା ଓଡ଼ିଶାର ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜସ୍ୱ ବୃଦ୍ଧି ଏବଂ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିବ

**ଲଞ୍ଜିଗଡ଼ – ଯେଉଁଠି ବିଶ୍ୱର ସର୍ବୋତ୍ତମ ରିଫାଇନରୀ ଅଛି – ସେଠି ନିଜସ୍ୱ ବକ୍ସାଇଟ୍ ମଜୁତ ଥିବା ସତ୍ତ୍ୱେ, ଆମେ କାହିଁକି ବକ୍ସାଇଟ୍ ଆମଦାନି କରିବା?**

ତଥାପି, ଆମେ ବକ୍ସାଇଟ୍ ଆମଦାନି ଜାରି ରଖିଛୁ, ଯାହା ଲକ୍ଷ ଲକ୍ଷ ଉତ୍ତମ ଭବିଷ୍ୟତରୁ ବଞ୍ଚିତ କରୁଛି।

ଲାଞ୍ଜିଗଡ଼ରେ ବକ୍ସାଇଟ୍ ଖଣିକୁ କାର୍ଯ୍ୟକ୍ଷମ କରିବା ଏବଂ ଏହାର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ଆମେ ସରକାରଙ୍କୁ ନିବେଦନ କରୁଛୁ।

**ଆଦିବାସୀ ଲୋକଙ୍କ ପାଇଁ ଚାକିରୀ ସୃଷ୍ଟି କରନ୍ତୁ ।**




## କଳାହାଣ୍ଡିର ଉନ୍ନତି ଦରକାର।

ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ
ଲାଞ୍ଜିଗଡ଼ର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଏକ ଅନୁଷ୍ଠାନ

# ମା'ଙ୍କ ଶୁଦ୍ଧକ୍ରିୟା କର୍ମ କଲେ ଦିବ୍ୟାଙ୍ଗ ଝିଅ

**ଆଳି,୨୭।୩ (ସଂଚାର ବ୍ୟୁରୋ):** ନିଜ ଜନ୍ମ କଲା ମାଆର ଶୁଦ୍ଧି କ୍ରିୟାକର୍ମରେ ଗାଁକୁ ଆସିଲେନି ପୁଅ। ମାଆଙ୍କ ମୃତ୍ୟୁର ଦଶ ଦିନରେ ଗାଁ ସାହିଭାଇଙ୍କୁ ନେଇ ଶୁଦ୍ଧି କ୍ରିୟାକର୍ମ କଲେ ଦିବ୍ୟାଙ୍ଗ ଝିଅ ଉର୍ବଶୀ।

ଆଳି ବ୍ଲକ୍ କଳସପୁର ଗାଁର ସ୍ୱର୍ଗତ ରାମଚନ୍ଦ୍ର ଦାସଙ୍କ ଦିବ୍ୟାଙ୍ଗ ଝିଅ ଉର୍ବଶୀ ଓ ତାଙ୍କ ଭାଇ ଜିତେନ୍ଦ୍ର ଦାସଙ୍କ ଭିତରେ ଦୀର୍ଘଦିନ ହେବ ଘରବାଡ଼ି ଜମିଜମାକୁ ନେଇ ତିକ୍ତତା ଲାଗିରହିଥିବା ବେଳେ ଭାଇ ଓ ଭାଉଜ ଘର ତାଲା ପକାଇବା ସହ ମାଆକୁ ନେଇ ଦିଲ୍ଲୀ ପଳାଇଥିଲେ । କିଛିଦିନ ପୂର୍ବେ ମାଆଙ୍କର ଦିଲ୍ଲୀରେ ମୃତ୍ୟୁ ହୋଇଯାଇଥିଲା। କିନ୍ତୁ ଏ ବିଷୟରେ ତାଙ୍କ ଭଉଣୀଙ୍କୁ ଜଣାଇନଥିଲେ ଭାଇ। ଅନ୍ୟ ପକ୍ଷରେ ଝିଅ ଉର୍ବଶୀ କୌଣସି



ସୂତ୍ରରୁ ଖବର ପାଇଁ ଘର ଆଗରେ ଧାରଣାରେ ବସିଥିଲେ। ପରେ ଗ୍ରାମର ମୁରବିଙ୍କ ସାମ୍ନାରେ ତାଲା ଭାଙ୍ଗିବା ସହ ମାଆର ଶୁଦ୍ଧିକ୍ରିୟା କରିବେ ବୋଲି କହିଥିଲେ। ଗୁରୁବାର ତାଙ୍କ ମାଆଙ୍କର ଦଶ କର୍ମ ହୋଇଥିଲା। ଏହି ଦଶ କର୍ମରେ ନିଜେ ଶୁଦ୍ଧି ହେବା ସହ ବନ୍ଧୁ ବାନ୍ଧବ ସାହି ପଡଶିଙ୍କୁ ସାମିଲ କରିଛନ୍ତି। ଭାଇ ଓ ଭଉଣୀ ଭିତରେ ତିକ୍ତତା ଥିବାରୁ ମାଆଙ୍କ ନିଜ ଗାଁ ଘରେ କ୍ରିୟାକର୍ମ ପାଇଁ ଭାଇ ଭାଉଜଙ୍କୁ ଫୋନ କରିଥିଲା ବେଳେ କେହି ତାଙ୍କ ଫୋନ ଉଠାଇ ନଥିବା ମାଆଙ୍କ ସୁଦ୍ଧିକ୍ରିୟା କରିବାକୁ ଭାଇ ଗାଁକୁ ନ ଆସିବାରୁ ଦୁଖେ କଷ୍ଟେ ଅସହାୟ ଦିବ୍ୟାଙ୍ଗ ଝିଅ ଉର୍ବଶୀ ନିଜର ସାହି ଭାଇ ଜ୍ଞାତି କୁଟୁମ୍ବଙ୍କୁ ଡାକି ମାଆଙ୍କ ଶୁଦ୍ଧି କ୍ରିୟାକର୍ମ କରିବା ସହିତ ଏକାଦଶାହରେ ୫୦ ଜଣ ବ୍ରାହ୍ମଣଙ୍କୁ ଭୋଜନ ଦେବା ସହିତ ବସ୍ତ୍ର ପ୍ରଦାନ କରିବେ ବୋଲି କହିଛନ୍ତି। ଅନ୍ୟପଟେ ଗ୍ରାମବାସୀମାନେ କହିଛନ୍ତି ଯୋଉ କାର୍ଯ୍ୟ ପୁଅ କରିବା କଥା ସେ କାର୍ଯ୍ୟ ଝିଅକରି ଦେଖାଇଛି ।

# ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ଯୋଗଦେଲେ ମାହାଙ୍ଗାର ଶତାଧିକ କର୍ମୀ

**ମାହାଙ୍ଗା,୨୭।୩ (ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ସରକାର ଗରିବ ଗୁରୁବାଙ୍କୁ ଅବହେଳା, ନାରୀମାନଙ୍କୁ ସୁରକ୍ଷା ପ୍ରଦାନରେ ବିଫଳ ଏବଂ ସଂସଦରେ ନାରୀ ମାନଙ୍କ ସୁରକ୍ଷା ପାଇଁ ଏକ ବିଶେଷ ନିୟମ ପ୍ରଣୟନ ଦିଗରେ ବିଜେପି ସରକାର ଉଦାସୀନତା ମନୋଭାବ ପ୍ରଦର୍ଶନ କରି ଚାଲିଥିବା ପ୍ରତିବାଦରେ ରାଜ୍ୟ କଂଗ୍ରେସ ଦଳ ଓ ସଭାପତି ଭକ୍ତ ଚରଣ ଦାସଙ୍କ ଡାକରେରେ ଆଜି ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ପ୍ରାୟ ହଜାର ହଜାର ସଂଖ୍ୟାକ କଂଗ୍ରେସ କର୍ମୀ ବିଧାନ ସଭା ଘେରାଉ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ମାହାଙ୍ଗାର ବିପ୍ଳବୀ କଂଗ୍ରେସ ନେତା ତଥା ପିସିସି ସଭ୍ୟ ପ୍ରଦିପ୍ତ କୁମାର ଦାସ(ବୁଲୁ ବାବୁଙ୍କ) ନେତୃତ୍ୱରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ଶତାଧିକ କଗ୍ରେସ୍ କର୍ମକର୍ତ୍ତା ଯୋଗଦେଇ ବିଧାନ ସଭା ଘେରାଉ କାର୍ଯ୍ୟକ୍ରମକୁ ସଫଳ କରାଇ ଥିଲେ।

ଏହି ଘେରାଉ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ନାରାୟଣ ଦ୍ୱିବେଦୀ, ଯୁବନେତା ସେକ୍ ସଦାମ୍,




ଧରଣୀଧର ଚାନ୍ଦ, ହେମନ୍ତ ସ୍ୱାଇଁ, ମନୋଜ କୁମାର ମହାନ୍ତି, ବଟକୃଷ୍ଣ ସ୍ୱାଇଁ,ରମେଶ ସାହୁ,ଗୋପାଳ ସେଠୀ,ଗୌରାଙ୍ଗ ରାଉତ,ରମେଶ ବାରିକ୍, ଗୋପାଳ ସେଠୀ,ରମେଶ ସାହୁ, ରମେଶ ବାରିକ ପ୍ରମୁଖ ଯୋଗଦେଇଥିଲେ।

## ଯୋଗ୍ୟଙ୍କୁ ମିଳୁନି

# ଅଯୋଗ୍ୟ ହାତେଇଛନ୍ତି ଅନ୍ତ୍ୟୋଦୟ ଅନ୍ନ ଯୋଜନା

**ମହାକାଳପଡ଼ା,୨୭।୩ (ସଂଚାର ବ୍ୟୁରୋ):** ଥିଲା ବାଲା ହାତେଇଛନ୍ତି ଅନ୍ତୋଦୟ ଅନ୍ନ ଯୋଜନା। ହେଲେ ନିହାତି ପାଇବାକୁ ହକଦାର ଥିବା ବ୍ୟକ୍ତି ଯୋଜନାରୁ ବାଦ୍ ପଡ଼ିଛନ୍ତି। ପ୍ରଶାସନର କୋହଳ ମନୋବୃତ୍ତି ପାଇଁ ଯୋଜନାରୁ ବଞ୍ଚିତ ରହୁଛନ୍ତି ହିତାଧିକାରୀ। ଯାହା ସରକାରଙ୍କ ବ୍ୟବସ୍ଥା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି।

ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର ୮୦ ପ୍ରତିଶତ ଦିବ୍ୟାଙ୍ଗ ଚନ୍ଦନ ପାଇଟାଳ ଓ ଓଳିହା ଗ୍ରାମର ଜୁତି ବେଓ୍ୱା ଙ୍କ ୭୦ ପ୍ରତିଶତ ପାଗଳ ପୁଅ ବିଭୂତି ଜେନା ସରକାରଙ୍କ ଅନ୍ତୋଦୟ ଅନ୍ନ ଯୋଜନାରୁ ବଞ୍ଚିତ ଅଛନ୍ତି। ଚନ୍ଦନ ପାଇଟାଳଙ୍କ ପରିବାରର ଅବସ୍ଥା ନକହିବା ଭଲ। ବାପା ରଘୁନାଥ ପାଇଟାଳ ମାନସିକ ବିକାରଗ୍ରସ୍ତ ହୋଇ ଘରେ ପଡ଼ିଛନ୍ତି। ମାଆ ସେବ ପାଇଟାଳ



## ଫାଙ୍କା ନାହିଁ ବୋଲି କହୁଛି ବିଭାଗ

ନାନାଦି ଅସୁସ୍ଥତାରେ ପିଡୀତ। ଭଙ୍ଗା ଦଦରା କୁଡ଼ିଆରେ ତିନି ପ୍ରାଣୀ ରାସନ୍ କାର୍ଡ ରେ ମାସକୁ ମିଳୁଥିବା ୧୫ କିଲୋ ଚାଉଳରେ କେମିତି ଯେ ଚଳୁଥିବେ ତାହା ଆପଣମାନେ ବେଶ୍ ଅନୁମାନ କରିପାରୁଥିବେ। ସେହିପରି ଓଳିହା ଗ୍ରାମର ଜୁତି ବେଓ୍ୱା ଭଙ୍ଗା ଦଦରା ଚାଳ ଛପର ଘରେ ଅବିବାହିତ ପାଗଳ ପୁଅକୁ ନେଇ ବଞ୍ଚୁଛନ୍ତି। ହେଲେ କାହିଁକି ଏମାନଙ୍କୁ ଅନ୍ତୋଦୟ ଅନ୍ନ ଯୋଜନା ରେ ସାମିଲ କରାଯାଇନାହିଁ ବୋଲି ପ୍ରଶ୍ନ ଉଠିଛି। ପଞ୍ଚାୟତରେ ନୂଆ କାର୍ଡ ପାଇଁ ଫାଙ୍କା ନାହିଁ ବୋଲି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭାଗକୁ ଜଣାଇବା ପରେ ଅନ୍ତୋଦୟ ଅନ୍ନ ଯୋଜନା ରେ ସାଧୁତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଞ୍ଚାୟତରେ ବହୁ ଅଯୋଗ୍ୟ ହିତାଧୀକାରୀ ଅନ୍ତୋଦୟ ଅନ୍ନ ଯୋଜନା ହାତେଇଛନ୍ତି ବୋଲି ଯୁବନେତା ପ୍ରତାପ ତ୍ରିପାଠୀ ଅଭିଯୋଗ ଆଣିଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ ହେଉ ଅବା ଯୋଗାଣ ବିଭାଗ କର୍ମଚାରୀ ଏଥିପାଇଁ ନଜର ନେଦେବାରୁ ଦୀର୍ଘ ବର୍ଷ ବର୍ଷ ଧରି ଅଯୋଗ୍ୟ ମାନେ ଯୋଜନାକୁ ହାତେଇ ଚଳୁ କରୁଛନ୍ତି। ଭିନ୍ନକ୍ଷମ, ଭୂମିହୀନ,ବିଧବା, ସ୍ୱାମୀ ପରିତ୍ୟକ୍ତା ଆଦି ମାନଙ୍କୁ ସରକାରଙ୍କ ଏହି ଯୋଜନାରେ ସାମିଲ କରିବାକୁ ନିୟମ ଥିଲାବେଳେ ଏହି ଦୁଇ ହିତାଧିକାରୀ ଯୋଜନାରୁ ବଞ୍ଚିତ ଅଛନ୍ତି। ତୁରନ୍ତ ପଞ୍ଚାୟତର ସମସ୍ତ ଅନ୍ତୋଦୟ ଅନ୍ନ ଯୋଜନା ହିତାଧିକାରୀଙ୍କୁ ପୁନଃ ତଦନ୍ତ କରି ଅଯୋଗ୍ୟଙ୍କୁ ବାଦ୍ ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ୍ କରିବାକୁ ସାଧାରଣରେ ଦାବି ହେଉଛି।

# ପବିତ୍ରପଡ଼ା ଶ୍ରୀରାମ ନବମୀ ପାଇଁ ପ୍ରସ୍ତୁତି ବୈଠକ

**ଡେରାବିଶ,୨୭।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ଗ୍ରାମର ବଟଗୋସେଇଁ ମଣ୍ଡପରେ ଚଳିତ ବର୍ଷର ଶ୍ରୀରାମନବମୀ ଯାତ୍ରାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଟମହାପୁରୁଷ ଗ୍ରାମ୍ୟକମିଟିର ସଭାପତି ସ୍ମାରକ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ କମିଟିର ଉପଦେଷ୍ଟା ବରିଷ୍ଠ ସଦସ୍ୟ ରଘୁନାଥ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଶ୍ରୀରାମନବମୀ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ଯାତ୍ରାର ମହନ୍ତ ଭାବରେ ଅନନ୍ତ ଚରଣ ସାହୁ, ସହକାରୀ ମହନ୍ତ ଭାବେ ମୃତ୍ୟୁଞ୍ଜୟ ସାହୁ, ସହଯୋଗୀ ମହନ୍ତ ସୁବ୍ରତ କୁମାର ବେହେରାଙ୍କୁ ମନୋନିତ କରାଯାଇଥିଲା। ସେହିପରି ପରିଚାଳନା ପାଇଁ ହିମାଂଶୁ ଶେଖର ରାଉଳ ମୁଖ୍ୟ ସଂଯୋଜକ, ଅସିତ କୁମାର ଦାସ ସହ ସଂଯୋଜକ ଭାବେ ମନୋନିତ ହୋଇଥିବା ବେଳେ ସମ୍ପାଦକ ଭାବରେ ଚନ୍ଦନ କୁମାର ସାହୁ, ସହସମ୍ପାଦକ ଭାବେ ଚନ୍ଦନ କୁମାର ସେଠୀ ଓ କୋଷାଧ୍ୟକ୍ଷ ଭାବେ ଅକ୍ଷୟ କୁମାର ରାଉଳ ମନୋନିତ ହୋଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ଯଥାରୀତି ଉତ୍ସବ ଅନୁଷ୍ଠିତ ହେବାକୁ ନିଷ୍ପତି ନିଆଯିବା ବେଳେ ଶ୍ରୀରାମନବମୀ, ମହାବୀର ଜୟନ୍ତୀ ଓ ଦାଣ୍ଡ ଯାତ୍ରା ପାରମ୍ପରିକ ରୀତି ଅନୁଷ୍ଠିତ ହେବ। ଅପ୍ରେଲ ୬ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାମାୟଣ ଅଭିନିତ ହେବ ବୋଲି ସଭାପତି ଶ୍ରୀ ମହାନ୍ତି ସୂଚନା ପ୍ରଦାନ କରିଥିଲେ।

## ପ୍ରଶାସନ ବିରୋଧରେ ଟ୍ରାକ୍ଟର ମାଲିକଙ୍କ ଅଭିଯୋଗ

# ୮ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ଭେଟିଲେ



**ଡେରାବିଶ,୨୭।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ସମସ୍ତ ଟ୍ରାକ୍ଟର ମାଲିକ ଓ ଡ୍ରାଇଭରମାନେ ଗତକାଲି ସନ୍ଧ୍ୟାରେ କଟକ-ଚାନ୍ଦବାଲି ରାଜରାସ୍ତାର କେଶରପୁର ସ୍ଥିତ ପଥପ୍ରାନ୍ତ ସେବା କେନ୍ଦ୍ରରେ ଜିଲ୍ଲା ପ୍ରଶାସନ, ତହସିଲ ପ୍ରଶାସନ, ପୋଲିସ ଓ ଖଣିବିଭାଗ ଅଧିକାରୀଙ୍କ ବେନିୟମ ଚଢ଼ାଉ ଓ ମନଇଚ୍ଛା ଜୋରିମାନା ଆଦାୟକୁ ବିରୋଧକରି ଏକ ବୈଠକ କରିଥିଲେ। ଏହି ବୈଠକରେ ପ୍ରଶାସନିକ ଅଧିକାରୀମାନଙ୍କର ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର, ମାତ୍ରାଧିକ ଜୋରିମାନା, ଡ୍ରାଇଭର ଓ ଗାଡ଼ିକୁ ଜବତ କରି ଦୀର୍ଘଦିନ ଧରି ପୋଲିସ୍ ହେପାଜତରେ ରଖିବା ଇତ୍ୟାଦି ଘଟଣାକୁ ସମାଲୋଚନା କରିବା ସହ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ଗତକାଲି ନିଷ୍ପତି ନେଇଥିଲେ। ଏହି ନିଷ୍ପତି କ୍ରମେ ଆଜି ଟ୍ରାକ୍ଟର ମାଲିକ ଓ ଡ୍ରାଇଭରମାନେ ୮ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ପ୍ରଦାନ କରିଛନ୍ତି।

ଏହି ଦାବିପତ୍ରରେ ଦୁଇମାସ ହେଲା ଜିଲ୍ଲା ପ୍ରଶାସନ, ତହସିଲଦାର, ପୋଲିସ୍ ଓ ଖଣି ବିଭାଗ ଅଧିକାରୀଙ୍କ ଅକଥନୀୟ ଅତ୍ୟାଚାର ଓ ଜୁଲମ ବନ୍ଦ ପାଇଁ ଦାବି କରିବା ସହ, ଟ୍ରାକ୍ଟରର କ୍ରୟମୂଲ୍ୟ ହ୍ରାସ, ଟ୍ରାକ୍ଟରର ପ୍ରତିବର୍ଷ ହେଉଥିବା ପରିବହନ ଟିକସ, ଇନସ୍ୟୁରାନ୍ସ ସରକାର ବହନ କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଜିଲ୍ଲା ପ୍ରଶାସନ, ତହସିଲଦାର, ପୋଲିସ୍ ଓ ଖଣିଅଧିକାରୀମାନେ କୌଣସି ଗାଡ଼ିକୁ ରାସ୍ତାରେ ଅଟକାଇ ମନଇଚ୍ଛା ଜୋରିମାନା ଆଦାୟ ବନ୍ଦ କରନ୍ତୁ। ଚାଷଜମିକୁ ସମତୁଲ ପାଇଁ ମାଟି ଉଠାଣକୁ ଜୋରିମାନା ପରିସରଭୁକ୍ତ ନକରିବା, ରାସ୍ତାଘାଟରେ ଥିବା ଖାଲଖମା ମରାମତି କରିବା, ପରିବହନ ବିଭାଗ ଗାଡ଼ିର ଫିଟ୍‌ନେସ୍ ତନଖି ସମୟରେ ଗାଡ଼ି ମାଲିକ ଓ ଡ୍ରାଇଭରଙ୍କୁ ସହଯୋଗ କରିବା, ଗ୍ରାମାଞ୍ଚଳରେ ବାଲି ଯୋଗାଣ ପାଇଁ ରୟାଲିଟି ଟ୍ରାକ୍ଟର ପିଛା ୫୦ ଟଙ୍କା ଧାର୍ଯ୍ୟ କରିବା। ନଦୀ ଓ କେନାଲ ବନ୍ଧ ରାସ୍ତାକୁ ସୁରକ୍ଷା ପାଇଁ ହାଇଓ୍ୱା ଓ ହିଟାଚି ଭଳି ଭାରୀଯାନ ଯାତାୟତ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ସଂଘର କର୍ମକର୍ତ୍ତା ଦିଲ୍ଲିପ କୁମାର ଜେନା, ଭଞ୍ଜନ କୁମାର ମହାନ୍ତି, ଆଭା ପ୍ରକାଶ ରଥ, ଜ୍ଞାନ ରଞ୍ଜନ ଶତପଥି, ରଞ୍ଜିତ ମଲ୍ଲ, ରବୀନ୍ଦ୍ର ପରିଡ଼ା, ଦେବେନ୍ଦ୍ର ରଥ, କୃଷ୍ଣଚନ୍ଦ୍ର ମଲ୍ଲଙ୍କ ସମେତ ସଂଘର ୫୦ରୁ ଊର୍ଦ୍ଧ୍ୱ ସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଆଜି ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପ୍ରଦାନ କରିଥିଲେ।

## ଜିଲ୍ଲାପାଳଙ୍କୁ ଭେଟିଲେ ପଞ୍ଜୀକୃତ ଚାଷୀ



**କେନ୍ଦ୍ରାପଡ଼ା,୨୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା କୃଷି ସମବାୟ ସମିତିର ପଞ୍ଜିକୃତ ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ସମିତି ସେମାନଙ୍କର ଧାନ ସୋସାଇଟ ନେଉ ନଥିବା ସଂପର୍କରେ ଆଲୋଚନା କରିଥରଲେ । ଏହି ସମିତିରେ ଟାର୍ଗେଟ ଥାଇ ମଧ୍ୟ ଶତାଧିକ ଚାଷୀ ସେମାନଙ୍କର ଧାନ ଆଜି ପର୍ଯ୍ୟନ୍ତ ବିକ୍ରି କରି ନଥିବା ସଂପର୍କରେ ସମିତି ସଂପାଦକ ଓ ସଭାପତିଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଚାଷୀଙ୍କର କୌଣସି ବ୍ୟବସ୍ଥା ନ ହେବାରୁ ଗୁରୁବାର ସମସ୍ତ ଚାଷୀ ଜିଲ୍ଲପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ଭେଟି ତୁରନ୍ତ ସେମାନଙ୍କ ଧାନକୁ ନେବାପାଇଁ ଦାବି କରିଛନ୍ତି । ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ଏଆରସିଏସଙ୍କୁ ଡାକି ତୁରନ୍ତ ଘଟଣା ସଂପର୍କରେ ତଦନ୍ତ କରି ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଲୋଚନା ସମୟରେ ପୂର୍ବତନ ସରପଂଚ ଗଗନ ବିବାରୀ ସାହୁ, ଆଇନଜୀବି ଦୁର୍ଯ୍ୟୋଧନ ସାହୁ, ଅଂଶୁମାନ ଦାସ, ସଚ୍ଚିକାନ୍ତ ଘଡାଇ, ପ୍ରଭାତ ସାହୁ, ପ୍ରେମାନନ୍ଦ ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଜିଷ୍ଟ୍ରେଟ୍ ଓ ପୁଲିସ ପ୍ରଶାସନର ସମନ୍ୱୟ ବୈଠକ

**କେନ୍ଦ୍ରାପଡ଼ା,୨୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନିକ ମାଜିଷ୍ଟ୍ରେଟ୍ ଓ ପୋଲିସ ପ୍ରଶାସନର ଏକ ସମନ୍ୱୟ ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଆଇନ ଶୃଙ୍ଖଳା ବଜାୟ ରଖିବା, ଅସାମାଜିକ ତତ୍ୱଙ୍କ ଉପରେ କଡା ନଜର ରଖିବା ଓ ବିଭିନ୍ନ ଆଇନଗତ ସମସ୍ୟା ସମାଧାନରେ ଜିଲ୍ଲା ପ୍ରଶାସନିକ ମାଜିଷ୍ଟ୍ରେଟ୍ ଓ ପୋଲିସ ପ୍ରଶାସନର ସମନ୍ୱୟ ନିହାତି ଜରୁରୀ । ଏହି ଦୁଇ ବିଭାଗର ସମନ୍ୱୟ ଦ୍ୱାରା ଜନ ସାଧାରଣ ତ୍ୱରିତ ନ୍ୟାୟ ପାଇବାରେ ସହାୟକ ହୋଇଥାଏ । ବିଭିନ୍ନ ସ୍ଥାନରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ନିଷେଧାଦେଶ ଜାରି କରିବା, ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ରଖିବା ଓ ଚଢାଉ ପାଇଁ ସ୍କାର୍ଡ ଗଠନ କରିବା ଓ ବିଭିନ୍ନ ନିର୍ଯ୍ୟାତନା ମାମଲା ର କେଶ ଫଏସଲା କରିବା, ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ପୁରଣ କରିବା, ବ୍ଲକ ସ୍ତରରେ ସମନ୍ୱୟ କମିଟି ଗଠନ କରିବା, ପରିବର୍ତ୍ତିତ ହୋଇଥିବା ଆଇପିସିର ଧାରା ସାକ୍ଷ୍ୟ ପ୍ରଦାନ ଧାରା ଓ ସିଆରପିସିର ବିଭିନ୍ନ ଧାରା ସଂପର୍କରେ ଆଲୋଚନା କରାଯାଇ ଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ଅରୁଣ ନାୟକ, ସମସ୍ତ ତହସିଲଦାର, ବିଡିଓ ଓ ସମସ୍ତ ଥାନାର ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।



## କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ ପକ୍ଷରୁ ମସ୍ତିଷ୍କ ଆଘାତଙ୍କୁ ସହାୟତା

**କେନ୍ଦ୍ରାପଡ଼ା,୨୭।୩ (ସଂଚାର ବ୍ୟୁରୋ):** ମସ୍ତିଷ୍କ ଆଘାତ ପ୍ରାପ୍ତ ତଥା ଧୀର୍ଘ ଦିନ ହେଲା ଚିକିତ୍ସାଧୀନ ଥିବା ରୋଗୀଙ୍କୁ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଡେରାବିଶ ବ୍ଲକ ପଲେଇ ପଂଚାୟତ କନ୍ଦରପୁର ଗ୍ରାମର ଦୀପକ ପ୍ରସାଦ ସ୍ୱାଇଁ(୨୫) ଏକ ସଡକ ଦୁର୍ଘଟଣାର ସମ୍ମୁଖୀନ ହୋଇ ସ୍ନାୟୁ ରୋଗରେ ପୀଡିତ ହୋଇଥିଲେ। ଦୀର୍ଘ ୩ ବର୍ଷ ହେବ ସେ ଚିକିତ୍ସାଧୀନ ଅବସ୍ଥାରେ ଶଯ୍ୟାସାୟୀ ଅଛନ୍ତି। ଖବର ପାଇ ସୋସାଇଟର ପ୍ରତିଷ୍ଠାତା ସଭାପତି



ପ୍ରମୋଦ କୁମାର ସାହୁ ଦୀପକଙ୍କ ଘରକୁ ଯାଇ ତାଙ୍କ ବାପା ପ୍ରବୀରଙ୍କୁ ଚିକିତ୍ସା ପାଇଁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିବା ସହ ଆବଶ୍ୟକ ହେଲେ ଅଧିକ ସହାୟତା ପ୍ରଦାନ କରାଯିବ ବୋଲି ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ । ସୋସାଇଟର ବରିଷ୍ଠ ପରିଚାଳକ ପଙ୍କଜ ମଲିକ, ପ୍ରତାପ ଜେନା, ଏଜେଣ୍ଟ ଅମିତ୍ ଦାସ, ସ୍ଥାନୀୟ ଓ୍ୱାର୍ଡ ମେମ୍ବର ସୁଧାଂଶୁ ଲେଙ୍କା ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ସୋସାଇଟ ପକ୍ଷରୁ ବିଭିନ୍ନ ସମୟରେ ରୋଗୀ, କ୍ରୀଡାବିତ୍, ଅଗ୍ନି ବିପନ୍ନ ପ୍ରଭୃତି ଆପତ କାଳୀନ ସ୍ଥିତିରେ ସହାୟତା ପ୍ରଦାନ କରା ଯାଇଥାଏ ।

## ରାସ୍ତାରୁ ଜବରଦଖଲ ଉଚ୍ଛେଦ ହେଉନି

# ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ପ୍ରଶାସନ ନୀରବ

**ଆଳି,୨୭।୩ (ସଂଚାର ବ୍ୟୁରୋ):** ଆଳି ତହସିଲ ଅଧୀନ କଟକ ଚାନ୍ଦବାଲି ରାଜପଥରୁ ଗୋପାଳପୁର ମଧ୍ୟ ଦେଇ ଦରଘା ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଜବରଦଖଲ କରାଯାଇଛି। ଯାହା ଫଳରେ ବାରମ୍ବାର

**କୋର୍ଟ ଅବମାନନା ମାମଲା ପାଇଁ ଗ୍ରାମବାସୀଙ୍କ ସଜବାଜ**

**କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ**

ପ୍ରଶାସନକୁ ଉଚ୍ଛେଦ ଦାବି କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନଥିଲା। ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଥିଲେ କିଛି ଲୋକେ। ପରେ ଜବରଦଖଲ ଉଚ୍ଛେଦ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। ଯାହାକି ଆଜି ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ। ଯାହା ଫଳରେ ଜିଲ୍ଲା ପ୍ରଶାସନ ହାଇକୋର୍ଟଙ୍କ ଆଦେଶ ଅବମାନନା କରୁ ଥିବାରୁ ସ୍ଥାନୀୟ ଗ୍ରାମବାସୀମାନେ କୋର୍ଟ ଆଦେଶ



ଅବମାନନା ମାମଲା ଦାଖଲ କରିବା ପାଇଁ ପ୍ରସ୍ତୁତି ହୋଇଛନ୍ତି।

ସୂଚନା ଯୋଗ୍ୟ ଅଭିଯୋଗକୁ ଚାରି ମାସ ବିତିଥିଲେ ମଧ୍ୟ ତାହା ସମାଧାନ ହୋଇ ପାରି ନାହିଁ। ମାନ୍ୟବର ହାଇକୋର୍ଟଙ୍କ ତାଙ୍କ ଆଦେଶରେ ଦର୍ଶାଇ ଥିଲେ ମଧ୍ୟ ପ୍ରଶାସନ ବର୍ତ୍ତମାନ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ରାସ୍ତା ଉପରେ ତିରିଶି ପଞ୍ଚାୟତ ଲୋକେ ନିର୍ଭର କରୁଥିଲେ ମଧ୍ୟ ରାସ୍ତାର ଦୂରାବସ୍ଥା ସଂପର୍କରେ ପ୍ରଶାସନିକ ନିରବତାକୁ ନେଇ ପ୍ରଶ୍ନ ଉଠିଛି। ଯାହାକି ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ସୃଷ୍ଟି କରୁଛି। ସମ୍ପୃକ୍ତ ରାସ୍ତାକୁ ଜବରଦଖଲକାରୀମାନେ ମାଡ଼ି ବସି ଡ୍ରେନ ଉପରେ ବେଆଇନ ନିର୍ମାଣ କରି ପ୍ରାକୃତିକ ଜଳ ନିଷ୍କାସନ ପଥକୁ ମଧ୍ୟ ମାଟି ପକାଇ ପୋତି ଦେଇଛନ୍ତି। ଫଳରେ ଜଳ ନିଷ୍କାସନ ନହୋଇପାରି ରାସ୍ତା ଅବରୋଧ ହଉଛି। ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିଥିବା ଫଳରେ ଯାତାୟତରେ ଘୋର ଅସୁବିଧା ସମ୍ମୁଖିନ ହେଉଛନ୍ତି। କୋର୍ଟଙ୍କ ଆଦେଶ ପାଳନ ହୋଇ ନଥିବାରୁ ହାଇକୋର୍ଟରେ ଅବମାନନା କେସ କରାଯିବାକୁ ଆବେଦନକାରୀ ପ୍ରାକ୍ତନ ବିଚାରପତି ସଂଜୟ କୁମାର ସାହୁ,ଅଭୟ ସାହୁ,ହେମନ୍ତ ଦାସ, ଶରତ ସାମଲ, ପ୍ରମୋଦ ମଲ୍ଲିକ,ବସନ୍ତ ସେଠୀ ପ୍ରମୁଖ ସୂଚନା ଦେଇଛନ୍ତି।




## ତୁଳସୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା,୨୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଇଛାପୁର ସ୍ଥିତ ତୁଳସୀ ବିଦ୍ୟା ମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ସଭାପତି ନିରଞ୍ଜନ ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ସହିତ ସୁଚରିତ୍ର ଗଠନ ଏକାନ୍ତ ଜରୁରୀ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର କୁନି କୁନି ପିଲାଙ୍କୁ ଉପଦେଶ ପ୍ରଦାନ କରିଥିଲେ। ସ୍କୁଲର ସଂପାଦକ ରବୀନ୍ଦ୍ର କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ପୌର ଅଧ୍ୟକ୍ଷା ଶ୍ରୀମତୀ ସରିତା ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ସିଆରସିସି ବିଭୁ ପ୍ରସାଦ ନାୟକ, କାଉନସିଲର କାଳୀ ପ୍ରସାଦ ମିଶ୍ର, ପୁଷ୍ପଲତା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଫଳ ହୋଇଥିବା ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ମିନାକ୍ଷୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୁରୁଜୀ ନିରଞ୍ଜନ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ତିନିତର ଘାଟ ପଥର ପ୍ୟାକିଂରେ ଅନିୟମିତତା

**ରାଜକନିକା,୨୭।୩ (ସଂଚାର ବ୍ୟୁରୋ):** ନଦୀପାଣି ଦାଉରୁ ଧନଜୀବନକୁ ସୁରକ୍ଷା ଦେବାକୁ ନଦୀକୂଳିଆ ଜନ ବସତିମାନଙ୍କରେ କୋଟି କୋଟି ଟଙ୍କା ବ୍ୟୟରେ ପଥର ପ୍ୟାକିଂ ହେଉଛି। ହେଲେ ଏହି ପଥର ପ୍ୟାକିଂ କେତେ ସ୍ୱଚ୍ଛ ଆଉ ଏଥିରେ ନିରପେକ୍ଷତା କେତେ ପରିମାଣରେ ରହୁଛି ତାହା ଆଳି ତଟବନ୍ଧ ଅନ୍ତର୍ଗତ ରାଜକନିକା ବ୍ଲକ ଉପାନ୍ତ ଗାଁ ଶୁକଦେବପୁର ଓ ଗୋପାଳପୁର ତିନିତର ଘାଟ ବୈତରଣୀ ନଦୀର ପଥର ପ୍ୟାକିଂ ଦେଖିଲେ ହିଁ ବୁଝାପଡେ।



ଅଭିଯୋଗ ଅନୁସାରେ ବୈତରଣୀ ନଦୀ ସଦା ସର୍ବଦା ଅସ୍ଥିର ଆଉ ଚିରସ୍ରୋତା ରହି ଆସିଛି। ଏମିତିକି ନଦୀ ଆଁରେ ମଧ୍ୟ ଜମି, ଘରବାଡି ଯିବାର ଆଶଙ୍କା କଲେଣି ଲୋକେ। ଏଭଳିସ୍ଥଳେ ବିସ୍ତିର୍ଣ୍ଣ ନଦୀ କୂଳେ କୂଳେ ପଥର ପ୍ୟାକିଂର ବେଶ୍ ଆବଶ୍ୟକତା ଥିବାରୁ ଚଳିତ ବର୍ଷ ପଥର ପ୍ୟାକିଂ କରାଯାଉଛି। ହେଲେ ଏହି କାମ ପାଇଁ ସୂଚନା ଫଳକ କେଉଁଠି ଦେଖିବାକୁ ମିଳୁ ନ ଥିବାରୁ ଜନସାଧାରଣ ଏହି କାର୍ଯ୍ୟ ସମ୍ପର୍କରେ କିଛି ଜାଣି ପାରୁ ନାହାନ୍ତି । ଏହି ପଥର ପ୍ୟାକିଂରେ ଛୋଟ ଛୋଟ ପଥରମାନ ବ୍ୟବହାର ହେଉଛି। ଯାହାକି କାର୍ଯ୍ୟର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନ ଉଠୁଛି। ନିର୍ମାଣ ବେଳେ ଲଟିଂ ହାଇଟ୍ କେତେ ରହିଛି ତାହା ବି ସନ୍ଦେହ ଘେରରେ। ସ୍ଥାନୀୟ ଲୋକେ ବଡ ବଡ ପଥର ପକେଇ ଲଟିଂ ହାଇଟ୍ କରାଯାଇନାହି ବୋଲି ଅଭିଯୋଗ କରିଛନ୍ତି। ପଥର ପ୍ୟାକିଂର ଶିଖରରେ ପଥରର ହିଡ ଦିଆଯିବାର ବ୍ୟବସ୍ଥା ରହିଥିଲେ ବି ଏଠାରେ କିନ୍ତୁ ତାହା କରାଯାଇ ନାହିଁ । ପଥର ପ୍ୟାକିଂ ର ନିକଟ ଚାଷଜମିକୁ ଖୋଳି ମାଟିର ହିଡ ଦିଆଯାଇଛି। ମାଟି ଖୋଳା ଯାଇଥିବା ଜମିରେ ବର୍ଷା ପାଣି କି ବନ୍ୟା ପାଣି ପଶିଲେ ପଥର ଶଯ୍ୟାଟି ଧସି ଯିବାର ଆଶଙ୍କା ଦେଖା ଦେଇଛି ।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିଲିପ ବେହେରା ଓଲଟି କାମ ଠିକ୍ ହୋଇ ଥିବାର କହିଥିଲେ। ତେବେ ମାଟିହିଡ ଦେବା ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରି ପଥର ହିଡ ଦିଆଯାଇଛି ବୋଲି ନିଜ ସଫେଇରେ କହିଛନ୍ତି । ବୈତରଣୀ ନଦୀ ତଟରେ ସୁରକ୍ଷା ନିମନ୍ତେ ଗୋଟେ ପଟେ ପଥର ପ୍ୟାକିଂ କରାଯାଉଛି। ଅପରପକ୍ଷେ ଏହି ପଥର ପ୍ୟାକିଂରେ ଯେ ଅନିୟମିତତା ଜଳ ଜଳ ବାରି ହେଇ ପଡୁଛି ତାହାର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି । ଏଥିପାଇଁ ସମ୍ବେଦନଶୀଳ ଏହି ପ୍ରସଙ୍ଗ ଉପରେ ବିଭାଗୀୟ ଉଚ୍ଚାଧିକାରୀ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସମାଜସେବୀ ବିନୋଦ ନାୟକ, ଅଜୟ ନାୟକ ପ୍ରମୁଖ ଦାବି କରିଛନ୍ତି ।

# ବିଦ୍ୟାଳୟସ୍ତରୀୟ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**ଗରଦପୁର,୨୭।୩ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ୍ ନାଗଣପୁର ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ସେନାପତି ସଭାପତିତ୍ୱ କରିଥିଲାବେଳେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ ଡେଲ୍ଟା ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ମନୋରଞ୍ଜନ କର ଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ଗରଦପୁର ବ୍ଲକ ମିଶନ ଶକ୍ତି ଫେଡରେସନ୍ ସଂପାଦିକା ମମତା ଦାସ। ଅତିଥି ମାନେ ବୁଡ଼ି ଯାଉଥିବା ଆମ ସଂସ୍କୃତି ଓ ପରମ୍ପରା କୁ ବଜାୟ ରଖିବା ସହ ସଂସ୍କୃତି ପ୍ରତି ରୁଚି ରଖିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶାର ସଂସ୍କୃତି ଭାରତରେ ବିରଳ ଏ ନେଇ ପିଲାମାନଙ୍କୁ ସଚେତନ କରାଯାଇଥିଲା। ଏହା ପରେ ମୋ ସ୍କୁଲ ଅଧ୍ୟକ୍ଷ ପ୍ରମୋଦ ଦାସ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଗୁଣାବଳୀର ବିକାଶ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଛାତ୍ରଛାତ୍ରୀମାନେ ଏକାଧିକ ପୁରାତନ ସଂସ୍କୃତିର ଜିନିଷ ମାନ ସଂଗ୍ରହ କରି ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ଉର୍ମିଳା ପରିଡ଼ାଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ରହିଥିଲେ। ସଭା ଶେଷରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ



କରାଯାଇ କାର୍ଯ୍ୟକ୍ରମ କୁ ସଫଳ ରୂପାୟନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅକ୍ଷୟ କୁମାର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Friday 28 March 2025 | ଭୁବନେଶ୍ୱର ଶୁକ୍ରବାର ୨୮ ମାର୍ଚ୍ଚ୨୦୨୫



ସଞ୍ଜୟଙ୍କ ଟାର୍ଗେଟରେ ବିଜେପି

ପୃଷ୍ଠା ୫

# ଆନ୍ଦୋଳନ ନାଁରେ ଉତ୍ପାତ

**ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ):** ଚଳିତ ବଜେଟ୍ ଅଧିବେଶନର ପାଖାପାଖି ଏକ ଡଜନ୍ ଦିବସ ନଷ୍ଟ ହୋଇଥିବା ବେଳେ ଏହା ପଛରେ କଂଗ୍ରେସ ବିଧାୟକମାନଙ୍କର ଅସହ୍ୟ ହୋଇଥିଲା। ଦଳର ବିଧାୟକମାନଙ୍କ ବିରୋଧ ଯୋଗୁଁ ବିଧାନସଭା ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇଯାଇଥିବାରୁ ଶେଷରେ ବାଚସ୍ପତି ସୁରମା ପାଢ଼ୀ କଂଗ୍ରେସର

- ଗାନ୍ଧୀ ମାର୍ଗରେ କର୍ମୀ-ପୁଲିସ ଖଣ୍ଡଯୁଦ୍ଧ
- ଘଉଡ଼ାଇବାକୁ ପୁଲିସ୍ ଚଳାଇଲା ଲୁହବୁହା ଗ୍ୟାସ୍
- ୧୩ ବର୍ଷ ପରେ କଂଗ୍ରେସର ବଡ଼ ଶକ୍ତି ପ୍ରଦର୍ଶନ
- ଆକ୍ରମଣ ପ୍ରତିଆକ୍ରମଣରେ ଅନେକ ଆହତ
- ଗିରଫ ହେଲେ ଭକ୍ତ ଓ ତାରାଙ୍କ ସମେତ ବହୁ ନେତା
- ନାରୀ ନ୍ୟାୟ ସତ୍ୟାଗ୍ରହ କରିବ ଦଳ



ପ୍ରଚ୍ଛନ୍ନ ଭୂମିକା ରହିଥିଲା। ରାଜ୍ୟରେ ନାରୀ ନିର୍ଯାତନା ବଢ଼ୁଥିବା ଅଭିଯୋଗ କରି ଗୃହ କମିଟି ଗଠନ ସକାଶେ କ୍ରମାଗତ ଭାବେ ଦାବି କରିବା ସହ ଏହା ପୂରଣ ପାଇଁ ଯତ୍‌ପରୋନାସ୍ତି ଉଦ୍ୟମ କରିଥିଲା। ଏପରିକି ଦଳର ବିଧାୟକମାନେ ବିଧାନସଭାରେ ତୂରୀ, ଘଣ୍ଟ, ଗିନି ଆଦି ମାଡ଼ କରିବା ସହ ବାରମ୍ବାର ବାଚସ୍ପତିଙ୍କ ପୋଡିୟମ୍ ଉପରକୁ ଉଠି ମାଇକ୍ ଭାଙ୍ଗିବାର ଉଦ୍ୟମ ଶେଷରେ ୧୪ଜଣଯାକ ବିଧାୟକଙ୍କୁ ଦୁଇଟି ପର୍ଯ୍ୟାୟରେ ସପ୍ତାହକ ପାଇଁ ନିଲମ୍ବନ କରିଥିଲେ। ଏହାର ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ଆକ୍ରମଣାତ୍ମକ ହୋଇପଡ଼ିଥିଲେ। ଏପରିକି ସେମାନେ ଆଇନକୁ ହାତକୁ ନେବାକୁ ବି ପଛାଉନାହାନ୍ତି। ଆଜି ନାରୀ

➪ପୃଷ୍ଠା-୬

## ବର୍ଦ୍ଦିରେ ହାତଦେଲେ ଛାଡ଼ିବୁନି: ଡିଜି

ଆହତ ପୁଲିସ କର୍ମଚାରୀଙ୍କୁ ଭେଟିବା ପରେ ପୁଲିସ୍ ଡିଜି ୱାଇ.ବି. ଖୁରାନିଆ କ୍ରୋଧ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏଠାକୁ ମୁଁ ଆହତମାନଙ୍କୁ ଭେଟିବାକୁ ଆସିନି। ମୁଁ ଅସାମାଜିକମାନଙ୍କ କାର୍ଯ୍ୟକଳାପ ଦେଖିବା ପାଇଁ ଆସିଥିଲି। ଯେଉଁମାନେ ପୁଲିସ ବର୍ଦ୍ଦିରେ ହାତ ଦେଇଛନ୍ତି, ସେମାନଙ୍କୁ କଦାପି ଛଡ଼ାଯିବନାହିଁ। ସେମାନଙ୍କୁ ଖୋଜି ଖୋଜି ବାହାର କରି ଜେଲରେ ଭର୍ତ୍ତି କରାଯିବ। ଅସାମାଜିକ କାର୍ଯ୍ୟ କଲେ କେହି ବି କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିପାରିବେ ନାହିଁ। ପିଏମ୍‌ଜିରେ ଯେଉଁମାନେ ପୁଲିସ୍ ଉପରକୁ ଆକ୍ରମଣ କରିଛନ୍ତି, ସେମାନଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଜି କହିଛନ୍ତି।



## ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମିଳିବ ମଧ୍ୟାହ୍ନଭୋଜନ

### ଖର୍ଚ୍ଚ ହେବ ୫୭୦.୭୧ କୋଟି



**ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ):** ଏଣିକି ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ବି ମିଳିବ ମଧ୍ୟାହ୍ନଭୋଜନ। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଦିଆଯିବ ମଧ୍ୟାହ୍ନଭୋଜନ। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏଥିପାଇଁ ରାଜ୍ୟ ସରକାର ୫୭୦.୭୧ କୋଟି ଟଙ୍କା ବ୍ୟୟ କରିବେ। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଏଥିପାଇଁ ରାଜ୍ୟ ସରକାର ଖର୍ଚ୍ଚ କରିବେ ୫୭୦.୭୧ କୋଟି ଟଙ୍କା। ପୂର୍ବରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ଦିଆଯାଉଛି ମଧ୍ୟାହ୍ନଭୋଜନ। ସେହିପରି ଏଣିକି ପିଲାଙ୍କୁ ପୁଷ୍ଟିକର ଲଡୁ ସହ ଅଣ୍ଡା ମିଳିବ। ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ୩ଟି ପୁଷ୍ଟିକର ଲଡୁ ସହ ଏକ ଅତିରିକ୍ତ ଅଣ୍ଡା ମିଳିବ। କାଲିର ନିର୍ଦ୍ଦେଶନାମାରେ ପରିବର୍ତ୍ତନ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର, ବୁଧବାର, ଶୁକ୍ରବାର ପିଲାଙ୍କୁ ଅଣ୍ଡା ଦିଆଯିବ। ସେହିପରି ମଙ୍ଗଳବାର, ଗୁରୁବାର ଓ ଶନିବାର ପୋଷଣଯୁକ୍ତ ଲଡୁ ମିଳିବ। ଶିଶୁବାଟିକାଠୁ ଦଶମ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ଏହା ମିଳିବ। ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅନୁସାରେ ପିଲାଙ୍କୁ ଲଡୁ ଓ ଅଣ୍ଡା ମିଳିବ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜିଏମ୍‌ଡିସିଏଲ୍ ଏମ୍‌ଡି



**ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ):** ଆଜି ଗୁଜରାଟ ଖଣିଜ ବିକାଶ ନିଗମ ଲିମିଟେ୍ (ଜିଏମ୍‌ଡିସିଏଲ୍)ର ପରିଚାଳନା ନିର୍ଦ୍ଦେଶକ ରୂପୱନ୍ତ ସିଂହ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ରାଜ୍ୟରେ ଏହାର କୋଇଲା ବ୍ଲକ୍ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାରେ କେତେକ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରସ୍ତାବ ରଖିଛନ୍ତି। ବୈଠକରେ ଶ୍ରୀ ସିଂହ ରାଜ୍ୟରେ ଏକ ଆଧୁନିକ ଚିକିତ୍ସାଳୟ, ୨ଟି ସ୍କୁଲ ଓ ଗୋଟିଏ ଆଇଟି ପାର୍କ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବରେ ସନ୍ତୋଷ ପ୍ରକାଶ କରିବା ସହ ଏହା ରାଜ୍ୟର ବିକାଶରେ ସହାୟକ ହେବ ବୋଲି ମତ ଦେଇଛନ୍ତି।

**ହସ୍ପିଟାଲ, ସ୍କୁଲ୍ ଓ ଆଇଟି ପାର୍କ ପାଇଁ ପ୍ରସ୍ତାବ**

ଏହି ପ୍ରସ୍ତାବଗୁଡିକ ସମ୍ପର୍କରେ ଆଗାମୀ ଦିନରେ ଆହୁରି ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଜିଏମ୍‌ଡିସିଏଲ୍ ବୈତରଣୀ ୱେଷ୍ଟ ଓ ବୁରାପାହାଡ଼ କୋଇଲା ବ୍ଲକ ପରିଚାଳନା ଦାୟିତ୍ୱ ନେଇଛି। ବୈଠକରେ ଏହି ଦୁଇଟି ବ୍ଲକର ସାମ୍ପ୍ରତିକ ସ୍ଥିତି, ପ୍ରଗତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି।

### ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଏକାଦଶାହ

## ଯୋଗଦେଲେ ଦୁଇ କେନ୍ଦ୍ର ମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି



**ତାଳଚେର,୨୭।୩(ସଂଚାର ବ୍ୟୁରୋ):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ଆଜି ଏକାଦଶାହ ହୋଇଥିବା ବେଳେ ଶ୍ରଦ୍ଧାଞ୍ଜଳି ଦେବା ସକାଶେ ତାଳଚେର ପିଏମଆଇଟି କ୍ୟାମ୍ପସ ପରିସରରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଭିଡ଼ ହୋଇଥିଲା। ରାଷ୍ଟ୍ରୀୟ ନେତୃବୃନ୍ଦଙ୍କ ସମେତ ବଡ଼ ବଡ଼ ନେତା ଓ ମନ୍ତ୍ରୀ ସାମିଲ୍ ହୋଇଥିଲେ। ସେମାନଙ୍କ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ, ତ୍ରିପୁରା ଉପବାଚସ୍ପତି ରାମ ପ୍ରକାଶ ପାଲ, ମଧ୍ୟପ୍ରଦେଶ ମନ୍ତ୍ରୀ ଗୋବିନ୍ଦ ସିଂ ରାଜପୁତ, ବିଜେପି ଜାତୀୟ ମୁଖପାତ୍ର ସାୟେଦ ସେହେନୱାଜ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଶା ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରମୁଖ। ସେମାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ପହଞ୍ଚି ଡାକ୍ତର ପ୍ରଧାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏଥିସହ

➪ପୃଷ୍ଠା-୬

**ବାହରିନ୍‌ରେ ଆୟୋଜିତ ହେଲା ସ୍ମୃତିସଭା**

### ବିଜେଡି ବିଧାୟକଙ୍କ ଅଭିନବ ପ୍ରତିବାଦ

## ବିଧାନସଭାରେ ଛିଞ୍ଚିଲେ ଗଙ୍ଗାଜଳ



**ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ):** ବିଧାନସଭା ପରିସରରେ ଆଜି ବିଜେଡି ବିଧାୟକମାନେ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ସେମାନେ ଆଜି ବିଧାନସଭା ପରିସରରେ ଗଙ୍ଗାଜଳ ଛିଞ୍ଚି ଏହାକୁ ପବିତ୍ର କରିଛନ୍ତି। ଆଜି ବିଜେଡି ବିଧାୟକମାନେ ଗୃହ ଚାରିପଟେ ପବିତ୍ର ଗଙ୍ଗା ଜଳ ଛିଞ୍ଚିଥିବା ଦେଖିବାକୁ ମିଳିଥିଲା। ଗତ ସୋମବାର ରାତିରେ କଂଗ୍ରେସ ବିଧାୟକମାନେ ରାତିରେ ଗୃହରେ ରହିଥିବା ସମୟରେ ସେମାନଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ କଦାପି ପୁଲିସ୍ ବିଧାନସଭାରେ ପ୍ରବେଶ କରି ନଥିବା ବେଳେ ଚଳିତ ବଜେଟ୍ ଅଧିବେଶନରେ ପୁଲିସ୍ ପବିତ୍ର ଗୃହ ମଧ୍ୟରେ ପ୍ରବେଶ କରି ଏହାକୁ ଅପବିତ୍ର କରିଛନ୍ତି ବୋଲି ବିଜେଡି ବିଧାୟକମାନେ ଅଭିଯୋଗ କରିବା ସହ ପୁନର୍ବାର ଗୃହର ପବିତ୍ରତା ଫେରାଇ ଆଣିବା ଉଦ୍ଦେଶ୍ୟରେ ଗଙ୍ଗାଜଳ ଛିଞ୍ଚିଛନ୍ତି। ଏଥିସକାଶେ ବିଜେଡି ବିଧାୟକମାନେ ବିଧାନସଭା

➪ପୃଷ୍ଠା-୬

### କ୍ଷତିରେ ଚାଲୁଛି ଓଏସ୍‌ଆର୍‌ଟିସି

## ୨ ବର୍ଷରେ ହରାଇଛି ୪୫.୪୬ କୋଟି

**ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ):** କ୍ଷତିରେ ଚାଲୁଛି ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଅର୍ଥାତ୍ ଓଏସ୍‌ଆର୍‌ଟିସି। ଦିନକୁ ଦିନ ଏହି ସଂସ୍ଥାର ଆୟଠୁ ବଢ଼ିଯାଉଛି ବ୍ୟୟ। ଏହି କାରଣରୁ ଗତ ୨ ବର୍ଷରେ ସଂସ୍ଥା ୪୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷତି ସହିଛି। ଏନେଇ ଆଜି ବିଧାନସଭାରେ ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଥିବା ବେଳେ ୨ ବର୍ଷରେ ସଂସ୍ଥାର କ୍ଷତି ପରିମାଣ ୪୫ କୋଟି ୪୬ ଲକ୍ଷରୁ ଉର୍ଦ୍ଧ୍ୱ ବୋଲି ତାଙ୍କ ଲିଖିତ ଉତ୍ତରରୁ ସ୍ପଷ୍ଟ ହୋଇଛି।



ମନ୍ତ୍ରୀ ଉପସ୍ଥାପନ କରିଥିବା ଉତ୍ତର ଅନୁସାରେ, ସଂସ୍ଥା ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ୧୮ କୋଟି ୮୩ ଲକ୍ଷ ଟଙ୍କାର କ୍ଷତି ସହିଥିବା ବେଳେ ପରବର୍ଷ ଅର୍ଥାତ୍ ୨୦୨୩-୨୪ରେ କ୍ଷତି ପରିମାଣ ଆହୁରି ବଢ଼ି ୨୬ କୋଟି ୬୨ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେହିପରି ସଂସ୍ଥାର ଆୟ ସମ୍ପର୍କରେ ଉପଲବ୍ଧ ତଥ୍ୟ ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷରେ ଓଏସ୍‌ଆର୍‌ଟିସି ୧୪୫ କୋଟି ଟଙ୍କା ଆୟ କରିଥିବା ବେଳେ ଏହାର ବ୍ୟୟ କିନ୍ତୁ ଏହାଠାରୁ ଯଥେଷ୍ଟ ଅଧିକ ରହିଛି। ଉକ୍ତ ଆର୍ଥିକ ବର୍ଷରେ ସଂସ୍ଥା ବିଭିନ୍ନ କ୍ଷେତ୍ରରେ ୧୬୪ କୋଟି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ପରବର୍ଷ ଅର୍ଥାତ୍ ୨୦୨୩-୨୪ ଆର୍ଥିକ ବର୍ଷରେ ସଂସ୍ଥା ୧୫୬ କୋଟି ୪୩ ଲକ୍ଷ ଟଙ୍କା ଆୟ କରିଥିଲେ ମଧ୍ୟ ଏହାଠାରୁ ପାଖାପାଖି ୨୭ କୋଟି ଟଙ୍କା ବ୍ୟୟ କରିଛି। ଉକ୍ତ ବର୍ଷ ସଂସ୍ଥାର ବ୍ୟୟ ପରିମାଣ ୧୮୩ କୋଟି ୬ ଲକ୍ଷ ଟଙ୍କା ରହିଛି। ସେହିପରି ଚଳିତ ୨୦୨୪-୨୫ ଆର୍ଥିକ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ଆୟ ବଢ଼ିଥିଲେ ମଧ୍ୟ ବ୍ୟୟ ପରିମାଣ ବି ବି ବଢ଼ିଛି ବୋଲି ମନ୍ତ୍ରୀ ଶ୍ରୀ ଜେନା ବିଧାନସଭାରେ ଉତ୍ତର ରଖିବା ସମୟରେ ସୂଚନା ଦେଇଛନ୍ତି।

- ୨୬୦ ରୁଟ୍‌ରେ ଗଡୁଛି ୩୮୮ ସରକାରୀ ବସ୍
- ୧୦୯ଟି ବସ୍ ଅଚଳ




ସେହିପରି ରାଜ୍ୟରେ କେତୋଟି ରୁଟରେ କେତେ ସଂଖ୍ୟକ ବସ୍ ଚଳାଚଳ କରୁଛି ଓ ବର୍ତ୍ତମାନ ସରକାରୀ ବସ୍ ଚଳାଚଳ ଦ୍ୱାରା ନିଗମରେ ଗତ ୨ ବର୍ଷ ମଧ୍ୟରେ ଆର୍ଥିକ ସ୍ଥିତି କ'ଣ

➪ପୃଷ୍ଠା-୬

## ଆଉ ୮ ସହରରେ ଗଡ଼ିବ 'ଆମ ବସ୍'

**ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ):** କ୍ୟାପିଟାଲ ରିଜିନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ)ର ୪୯ତମ ବୋର୍ଡ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଅନୁସାରେ, ଆଗାମୀ ଦିନରେ ରାଜ୍ୟର ଆଉ ୮ଟି ସହରକୁ 'ଆମ ବସ' ସେବା ସମ୍ପ୍ରସାରିତ ହେବ। ଅର୍ଥାତ୍ ଏହିସବୁ ସହରରେ ଆମ ବସ୍‌ର ସୁଯୋଗ ଜନସାଧାରଣଙ୍କୁ ଯୋଗାଇ ଦିଆଯିବ। ଏହି ସହରଗୁଡ଼ିକ ହେଲା ଅନୁଗୋଳ, ଝାରସୁଗୁଡ଼ା, ଯାଜପୁର, କେନ୍ଦୁଝର, ବାରିପଦା, ଜୟପୁର, ବାଲେଶ୍ୱର ଓ ରାୟଗଡ଼ା। ଏଥିସହ ଯାତ୍ରୀଙ୍କ ଉତ୍ତମ ସେବା ଓ ସୁରକ୍ଷା ପ୍ରତି ମଧ୍ୟ ଅଧିକ ଧ୍ୟାନ ଦିଆଯିବ। ନିୟମିତ ଭାବେ ଯାତାୟାତ କରୁଥିବା ଯାତ୍ରୀଙ୍କ ସକାଶେ ପ୍ରତି ସହରରେ ପାସ୍ ବ୍ୟବସ୍ଥା କରାଯିବ। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା କ୍ୟାପ୍‌ଟେନ ଓ ଗାଇଡ୍‌କୁ ସ୍ୱୀକୃତି ସହ ସମ୍ମାନ ଦିଆଯିବ

➪ପୃଷ୍ଠା-୬

**କ୍ରୁଟ୍ ବୋର୍ଡ ବୈଠକରେ ହେଲା ନିଷ୍ପତ୍ତି**

## ଶିଳ୍ପର ବିକାଶ ପାଇଁ ୧.୬୫ ଲକ୍ଷ କୋଟି ନିବେଶକୁ ଅନୁମୋଦନ

**ଭୁବନେଶ୍ୱର,୨୭।୩ (ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଶିଳ୍ପର ବିକାଶ ପାଇଁ ୧ ଲକ୍ଷ ୬୫ ହଜାର ୩୦୩ କୋଟି ଟଙ୍କାର ନିବେଶକୁ ଅନୁମୋଦନ ମିଳିଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ହାଇ ଲେଭୁଲ କ୍ଲିୟରାନ୍ସ ଅଥରିଟି ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ଅନୁମୋଦନ ଅନୁସାରେ ୧୦ଟି ପ୍ରମୁଖ ଶିଳ୍ପ ସ୍ଥାପନ ସହ ଏଥିରେ ୫୧ ହଜାର ୯୩୯ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଭଦ୍ରକ, କଟକ, ଗଞ୍ଜାମ, କେଉଁଝର, ଖୋର୍ଦ୍ଧା, ମୟୂରଭଞ୍ଜ ଓ ରାୟଗଡା ଭଳି ୭ଟି ଜିଲ୍ଲାରେ ଷ୍ଟିଲ, ଆଲମୁନିୟମ, ପାୱାର ଜେନେରେସନ, ଗ୍ରୀନ ହାଇଡ୍ରୋଜେନ, ଇଞ୍ଜିନିୟରିଂ ଗୁଡ୍ସ, ଗ୍ରୀନ ଏନର୍ଜି ଇକ୍ୟୁପ୍‌ମେଣ୍ଟ୍ ଭଳି ପ୍ରକଳ୍ପ ସ୍ଥାପନ ଲକ୍ଷ୍ୟ ରହିଛି।

**ନିଯୁକ୍ତି ପାଇବେ ୫୧ ହଜାର**



**କାନ ଡେରିଥା**

ବିଧାନସଭା କାହା ବୋପାର
ନୁହେଁ
ସୁଲତା ଯେ ଏବେ ଜାଣିଲେ
ତାଙ୍କ ସରକାରେ ଚାଲୁଥିଲା କଣ
ଏବେ ସିଏ ବସି ଭାବିଲେ
କଣେ ବାଡେ ବସୁଥିଲେ...
ନବୀନଙ୍କୁ ଟିକେ ଭେଟିବା ପାଇଁ
ସେ
ରାତି ଦିନ ଜପୁଥିଲେ

■ ଦେବାଶିଷ

## ନବ ଦାସଙ୍କ ଚିକିତ୍ସା ପାଇଁ ରାଜକୋଷରୁ ଯାଇଛି ୨.୩୦ ଲକ୍ଷ

**ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ):** ସ୍ପଷ୍ଟ ଦିବାଲୋକରେ ଶହ ଶହ ଲୋକ ତଥା ପୋଲିସ ଉପସ୍ଥିତି ରେ ନବ ଦାସଙ୍କୁ କିଏ ହତ୍ୟା କଲା, ତାହା ରହସ୍ୟ ଘେରରେ ଥିବା ବେଳେ ଏଥିରେ ଆହୁରି ରହସ୍ୟ ମୟ ହୋଇଛି ତାଙ୍କର ଚିକିତ୍ସା ସମ୍ବନ୍ଧୀୟ ତଥ୍ୟ ଯାହା ସୂଚନା ଅଧିକାର ଆଇନ ବଳରେ ପଦାକୁ ଆସିଛି । ନବଙ୍କ. ଚିକିତ୍ସା ପାଇଁ ଆପୋଲା ହସ୍ପିଟାଲକୁ ରାଜ୍ୟ ସରକାର ୨.୩୦ ଲକ୍ଷ ଟଙ୍କା ଦେଇଥିବା କହିଛନ୍ତି ସୂଚନା ଅଧିକାର ଅଭିଯାନ ର କେନ୍ଦ୍ରାପଡ଼ା ଜିଲ୍ଲା ଆବାହକ ପ୍ରତାପ ମହାନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ ନବ ଦାସ ଙ୍କ ଚିକିତ୍ସା ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଥିଲା , ଏହା ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଅଧିକାର ଆଇନରେ ତଥ୍ୟ ମଗାଯାଇଥିଲା । ପ୍ରାୟ ଦେଢ଼ ମାସର ଧାଁ ଦଉଡ ପରେ ସଂସଦୀୟ ବ୍ୟାପାର ବିଭାଗ ନୀରବ ରହିଥିଲା । ସ୍ୱାସ୍ଥ୍ୟ ବିଭାଗ ବି ତଥ୍ୟ ଦେଇନଥିଲା। ଏହି ଖବର ଗଣମାଧ୍ୟମରେ ପ୍ରସାରଣ ହେବା ଏବଂ ସଂସଦୀୟ ବ୍ୟାପାର ବିଭାଗକୁ ପ୍ରଥମ ଅପିଲ କରିବା ପରେ ତଥ୍ୟ ମିଳିଛି ।

- ତଥ୍ୟ ପ୍ରକାଶ କଲେ ଆରଟିଆଇ କର୍ମୀ
- ସିବିଆଇ ତଦନ୍ତ ହେଲେ ଆହୁରି ସତ ବାହାରିବ

ଏହି ତଥ୍ୟରୁ ଜଣା ପଡ଼ିଛିଯେ , ନବ ଦାସ ୨୯.୧.୨୩ ରିଖ ସନ୍ଧ୍ୟା ୫.୨୬ ମିନିଟ୍ ରେ ଆପୋଲୋ ହସ୍ପିଟାଲ ରେ ଭର୍ତ୍ତି ହୋଇଛନ୍ତି ଆଉ ତାଙ୍କ ପତ୍ନୀ ମିନତି ଦାସ ନିଜେ ଭର୍ତ୍ତି କରିଛନ୍ତି । ସେହିଦିନ ୭.୩୦ ପର୍ଯ୍ୟନ୍ତ ଦୁଇ ଘଣ୍ଟା ଚିକିତ୍ସା ହୋଇଛି । ଛଅ ଜଣ ଡାକ୍ତର ଦୁଇ ଘଣ୍ଟା ଚିକିତ୍ସା କରିଛନ୍ତି । ଏଥିପାଇଁ ୩.୨.୨୦୨୩ ରେ ଥିବା ଆପୋଲୋ ହସପିଟାଲ ୨,୩୦,୦୦୦ ଟଙ୍କାର ବିଲ ଦେଇଛି ଓ ରାଜ୍ୟ ସରକାର ୧୮.୧୦.୨୩ ରେ ଟଙ୍କା ପଇଠ କରିଛନ୍ତି। ଆଉ ଏହି ଦୁଇ ଘଣ୍ଟା ଚିକିତ୍ସା ରେ ଅପରେସନ ପାଇଁ ବ୍ୟବହୃତ ହେବା ସାମଗ୍ରୀ ସବୁ କିଣା ଯାଇଛି ଆଉ ସିଟିଭିଏସ୍ ଡାକ୍ତର ଦ୍ୱାରା ଅପରେସନ ହୋଇ ସିଲେଇ ମଧ୍ୟ କରାଯାଇଛି।



ଏହି ବିଲ କୁ ତର୍ଜମା କଲେ ଜଣା ପଡୁଛି କେବଳ ତାଙ୍କ ଶରୀର ରେ ଥିବା ଗୁଳି ବାହାର କରିବା ପାଇଁ ଅପରେସନ କରାଯାଇଛି । ଯଦି ଅପରେସନ କରି ଗୁଳି ବାହାର କରାଗଲା ସେ ଗୁଳି ଏଥିରେ କେଉଁଠି ଆଉ କେତୋଟି ଗୁଳି ବାହାର କରାଯାଇଛି? ସେ ଗୁଳିର ନମ୍ବର କେତେ ଆଉ ସେ ସରକାରୀ ଗୁଳି ନା ବେସରକାରୀ ଗୁଳି ତାହାର ପରୀକ୍ଷା ହୋଇଛି ନା ନାହିଁ ସେ ଦିଗରେ କ୍ରାଇମ ବ୍ରାଞ୍ଚ ତଦନ୍ତ କରିଛି ନା ନାହିଁ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅତି ସଙ୍କଟାପର୍ଣ୍ଣ ଅବସ୍ଥାରେ ଯେତେବେଳେ ଆପୋଲ ହସ୍ପିଟାଲ ରେ ଭର୍ତ୍ତି ହୋଇଛନ୍ତି ଆଉ ଓଟି କୁ ନେବା ପୂର୍ବରୁ ଅତି କମରେ ରୋଗୀର ରକ୍ତ ପରୀକ୍ଷା ସହ ବିଭିନ୍ନ କରିବା ବାଧ୍ୟତା ମୂଳକ । କିନ୍ତୁ ଆପୋଲ ହସ୍ପିଟାଲ ଦେଇଥିବା ବିଲ ରେ ଏ ବାବଦରେ କିଛି ଉଲ୍ଲେଖ ନାହିଁ ଯାହାର ଅର୍ଥ ଏ ସବୁ କିଛି ଟେଷ୍ଟ କରାଯାଇ ନାହିଁ ।

ଯଦି ବି ଝାରସୁଗୁଡା ରେ ଏ ସବୁ ଟେଷ୍ଟ ହୋଇଥିଲା ଆଉ ତାହାର

➪ପୃଷ୍ଠା-୬

### ସରକାରଙ୍କ ଗ୍ରୀଷ୍ମ ଚିନ୍ତା: ପିଡିଏସ୍ ଡିଲର୍‌ଙ୍କୁ ତାଗିଦା

## ହିତାଧିକାରୀଙ୍କ ପାଇଁ ରହିବ ପାନୀୟ ଜଳ ଓ ଓଆର୍‌ଏସ୍

**ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସକାଶେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଶେଷକରି ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଅନ୍ତର୍ଗତ ହିତାଧିକାରୀମାନଙ୍କୁ ରାସନ ସାମଗ୍ରୀ ଦିନକୁ ଦୁଇ ବେଳା ୩ ଘଣ୍ଟା ଲେଖାଏଁ ଦୋକାନ ଖୋଲା ରଖି ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ହିତାଧିକାରୀମାନେ ଯେପରି ଖରାରେ ହଇରାଣ ହରକତ ନ ହେବେ, ସେଥିସକାଶେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସକାଶେ ପିଡିଏସ୍ ଡିଲର୍‌ମାନଙ୍କୁ ତାଗିଦା କରାଯାଇଛି। ପିଡିଏସ୍ ଦୋକାନଗୁଡ଼ିକ ପୂର୍ବାହ୍ନ ୭ଟାରୁ ୧୦ଟା ଓ ସନ୍ଧ୍ୟା ୫ରୁ ୮ଟା ମଧ୍ୟରେ ଖୋଲା ରଖିବାକୁ କୁହାଯାଇଛି। ଆହୁରି ଖରାଦାଉରୁ ହିତାଧିକାରୀମାନଙ୍କୁ ରକ୍ଷା କରିବା ସକାଶେ ପିଡିଏସ୍ ଦୋକାନଗୁଡ଼ିକରେ ଅସ୍ଥାୟୀ ଭାବେ

➪ପୃଷ୍ଠା-୬

**ଅସ୍ଥାୟୀ ଆଶ୍ରୟସ୍ଥଳ ପାଇଁ ମଧ୍ୟ ନିର୍ଦ୍ଦେଶ**

SANCHAR
ସଂଚାର

୪
ଶୁକ୍ରବାର ୨୮ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର
Friday 28 March 2025 Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ଈଶ୍ୱରଙ୍କ ବିସ୍ମୟ-ଯେଉଁ ବିଶ୍ୱବ୍ରହ୍ମାଣ୍ଡର ଅଧିଶ୍ୱରଙ୍କ ବିଶାଳତାକୁ କଳନା କରିବା ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ପାଇଁ ମଧ୍ୟ ସମ୍ଭବ ନୁହେଁ, ସେ ପୁଣି ସାମାନ୍ୟ ଭକ୍ତି କଣିକା ହୋଇ ଭକ୍ତର ହୃଦୟରେ ବିରାଜମାନ କରନ୍ତି।

# ବିତର୍କ ହେଉ ଅରାଜକତା ନୁହେଁ

ଗଣତନ୍ତ୍ରରେ ସରକାରଙ୍କୁ ବିରୋଧ ବା ସମାଲୋଚନା କରିବାର ଅଧିକାର ପ୍ରତ୍ୟେକ ନାଗରିକତର ରହିଛି। ଆଉ ବିରୋଧୀ ଦଳର ଏହା ଦାୟିତ୍ୱ ଏବଂ କର୍ତ୍ତବ୍ୟ। ଅନେକ ସମୟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ ସରକାରଙ୍କ ବିରୋଧରେ ଆନ୍ଦୋଳନ ଡାକରା ଦିଆଯାଏ। କିନ୍ତୁ ଆନ୍ଦୋଳନ ନାମରେ ଅରାଜକତା କଦାପି ସ୍ପୃହଣୀୟ ନୁହେଁ। ଏହା ଜନସ୍ୱାର୍ଥ ବିରୋଧୀ, ଅଗଣତାନ୍ତ୍ରିକ ଏବଂ ଆଇନ ଦୃଷ୍ଟିରୁ ଅନୁଚିତ କାର୍ଯ୍ୟ। କିନ୍ତୁ ଭାରତରେ ଜନ ଆନ୍ଦୋଳନ ନାମରେ ବାରମ୍ବାର ଏଭଳି ଅରାଜକତା ଦେଖିବାକୁ ମିଳୁଛି। ଆନ୍ଦୋଳନକାରୀମାନେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ହିଂସାତ୍ମକ ଆଚରଣ ପ୍ରଦର୍ଶନ କରୁଛନ୍ତି। ଆନ୍ଦୋଳନକୁ ହିଂସାତ୍ମକ ରୂପ ଦେବା ପାଇଁ ଅନେକ ସମୟରେ ଯୋଜନାବଦ୍ଧ ଉଦ୍ୟମ କରାଯାଉଛି। ସରକାରଙ୍କୁ ନିନ୍ଦିତ କରିବା ହେଉଛି ଏହାର ଉଦ୍ଦେଶ୍ୟ। କୃଷକ ଆନ୍ଦୋଳନ ବେଳେ ଠିକ ଏଭଳି ଦେଖିବାକୁ ମିଳିଥିଲା। ନିଜ ଦାବି ହାସଲ ନିମନ୍ତେ କୃଷକମାନେ ଆନ୍ଦୋଳନ କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ କୃଷକ ଆନ୍ଦୋଳନର ଯେଉଁମାନେ ନେତୃତ୍ୱ ନେଉଥିଲେ ବାର ଏହାର ପୁରୋଭାଗରେ ଥିଲେ, ସେମାନେ କୃଷକ ନୁହଁନ୍ତି। ଗଣତନ୍ତ୍ର ଦିବସ ବେଳେ ଦିଲ୍ଲୀରେ କୃଷକମାନେ ଯେପରି ଅରାଜକତା ସୃଷ୍ଟି କଲେ ତାହା କେହି ଭୁଲି ନଥିବେ। ମାସ ମାସ ଧରି ରାଜରାସ୍ତା ଅବରୋଧ କରିବା, ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଇବା ଏବଂ ନିଜ ଯିଦରେ ଅଟଳ ରହିବା ଅଗଣତାନ୍ତ୍ରିକ ଚିନ୍ତାଧାରା। ଏଥିପାଇଁ କୃଷକ ଆନ୍ଦୋଳନ ପ୍ରତି ସାଧାରଣ ଲୋକଙ୍କ ସମର୍ଥନ ନାହିଁ। ଏବେ ଓଡ଼ିଶାରେ କଂଗ୍ରେସ ପକ୍ଷରୁ ନାରୀ ନିର୍ଯ୍ୟାତନା ବିରୋଧରେ ଜନ ଆନ୍ଦୋଳନ ଆରମ୍ଭ ହୋଇଛି। ଗୁରୁବାର ଦିନ ବିଧାନସଭାକୁ ଘେରାଉ କରାଯାଇଛି। ଦୀର୍ଘ ୨୫ ବର୍ଷ ହେବ କ୍ଷମତାରେ ବାହାରେ ଥିବା କଂଗ୍ରେସ ଆନ୍ଦୋଳନ ମାଧମରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ଆସ୍ଥାଭାଜନ ହେବାକୁ ଲକ୍ଷ୍ୟ ରଖିଛି। ସେଥିରେ କିଛି ଅସୁବିଧା ନାହିଁ। କିନ୍ତୁ ନିଜ ରାଜନୈତିକ ଫାଇଦା ପାଇଁ ଅରାଜକତା ସୃଷ୍ଟି କରିବା ଓ ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଇବାର ମାନସିକତା ଗ୍ରହଣୀୟ ନୁହେଁ। ଏବେ ଯୁଗ ବଦଳିଗଲାଣି। ଆଉ ସାଧାରଣ ଲେଶକେ ରାସ୍ତାରେ ଆନ୍ଦୋଳନ, ବିକ୍ଷୋଭ, ବନ୍ଦ ପାଳନ, ରାସ୍ତା ଅବରୋଧକୁ ପସନ୍ଦ କରୁ ନାହାଁନ୍ତି। ସବୁ ହେଉ, କିନ୍ତୁ ସାଧାରଣ ଜବୀନ ଯାତ୍ରା ବ୍ୟାହତ ନହେଉ। ଦୋକାନ ବଜାର ବନ୍ଦ ନହେଉ, ରୋଗୀଟିଏ ହସ୍ପିଟାଲ ଯିବାକୁ ଅସୁବିଧାର ସମ୍ମୁଖୀନ ନହେଉ। ଛାତ୍ରଛାତ୍ରୀଙ୍କର ସ୍କୁଲ-କଲେଜ ଯିବାରେ କିଛି ଅସୁବିଧା ନହେଉ। କାରଣ ଗଣତନ୍ତ୍ରର ଅର୍ଥ ହେଲା ଗଣ ବା ଲୋକଙ୍କ ସ୍ୱାର୍ଥ ରକ୍ଷା କରିବା। କିନ୍ତୁ ନିଜ ରାଜନୈତିକ ଲକ୍ଷ୍ୟ ହାସଲ ନିମନ୍ତେ ଗଣଙ୍କର ସ୍ୱାର୍ଥକୁ ବଳି ପକାଇବା ଅନୁଚିତ। ନିଜ ବକ୍ତବ୍ୟ ରଖିବା ନିମନ୍ତେ ସଂସଦୀୟ ଗଣତନ୍ତ୍ରରେ ଅନେକ ବିକଳ୍ପ ବ୍ୟବସ୍ଥା ରହିଛି। ସଂସଦ ବା ବିଧାନସଭାରେ ବିରୋଧୀ ନିଜ କଥା ରଖିପାରିବେ। ଗଣମାଧମ ବିଶେଷ କରି ସାମାଜିକ ଗଣମାଧମର ସଦୁପଯୋଗ କରାଯାଇପାରିଲେ ରାଜନୈତିକ ଦଳ ଲୋକଙ୍କ ନିକଟତର ହୋଇପାରିବେ। କିନ୍ତୁ ତାହା ନକରି ରାସ୍ତା ଅବରୋଧ କରିବା, ସଂସଦ ବା ବିଧାନସଭାରେ ହଟ୍ଟଗୋଳ କରିବା ଅଗଣତାନ୍ତ୍ରିକ। ସଂସଦ ବା ରାଜ୍ୟ ବିଧାନସଭା ହେଉଛି ଗଣତନ୍ତ୍ରର ଏକ ମନ୍ଦିର। ଜନ ସାଧାରଣ ସେଠାକୁ ନିଜ ପ୍ରତିନିଧି ପଠାଇଛନ୍ତି ସେମାନଙ୍କ କଥା ଉପସ୍ଥାପନ କରିବାକୁ। ନିଜ ସମସ୍ୟା ଏବଂ ଅଭିଯୋଗ ସମ୍ପର୍କରେ ସେମାନେ ଜନ ପ୍ରତିନିଧିଙ୍କ ମାଧମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ନିଜ କଥା ଉପସ୍ଥାପନ କରିବାକୁ ସଂସଦ ବା ବିଧାନସଭା ହେଉଛି ଶ୍ରେଷ୍ଠ ମାଧମ। ତେଣୁ ଏହାକୁ ଜନତାଙ୍କ ଦରବାର କହିଲେ ଭୁଲ ହେବ ନାହିଁ। ଏହା ଲୋକଙ୍କର, ଲୋକଙ୍କ ପାଇଁ ଏବଂ ଲୋକଙ୍କ ଦ୍ୱାରା। ଏଠାରେ ଜନ ପ୍ରତିନିଧିମାନେ ରାଜନୈତିକ ବିଚାରଧାରା ଉର୍ଦ୍ଧ୍ୱକୁ ଉଠି ନିଜ ମତ ବ୍ୟକ୍ତ କରିବା ଉଚିତ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତରେ ସଂସଦ ଏବଂ ବିଧାନସଭା ରାଜନୀତିର ରଣକ୍ଷେତ୍ର ପାଲଟି ଯାଇଛି। ପ୍ରତ୍ୟେକ ନିର୍ବାଚିତ ଜନ ପ୍ରତିନିଧି ଦଳୀୟ ଚିନ୍ତାଧାରାରେ କାର୍ଯ୍ୟ କରୁଛନ୍ତି। ନିଜ ମୌଳିକ ମୌଳିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସେମାନେ ଭୁଲି ଯାଉଛନ୍ତି। ଗୃହରେ ଯେପରି ହଟ୍ଟଗୋଳ ହେଉଛି ଏବଂ ଗୃହ ବାରମ୍ବାର ମୁଲତବି ହେଉଛି ସେଥିରେ ସାଧାରଣ ଲୋକର ସ୍ୱର ହଜି ଯାଉଛି। ଅନେକ ଜନ ପ୍ରତିନିଧି ଚାହିଁଲେ ମଧ ଗୃହରେ ନିଜ ମତ ବା ବକ୍ତବ୍ୟ ରଖିବାକୁ ସୁଯୋଗ ପାଉ ନାହାଁନ୍ତି। ଅନେକ ସମୟରେ ବଜେଟ ଉପରେ ବିତର୍କ ମଧ ହେଉନାହିଁ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାତିଲ ହେଉଛି। ଲୋକଙ୍କ ପ୍ରଶ୍ନର ଉତ୍ତର ସରକାର ଗୃହରେ ଉପସ୍ଥାପନ କରିବାର ସୁଯୋଗ ପାଉ ନାହାଁନ୍ତି। ପ୍ରଶ୍ନୋତ୍ତର କାର୍ଯ ;ୟକ୍ରମ ହେଉଛି ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଏହାକୁ ବାଧାଦେବା ଏକ ନିନ୍ଦନୀୟ କାର୍ଯ୍ୟ। ଯେ କୌଣସି ଦଳ କେନ୍ଦ୍ର ବା ରାଜ୍ୟରେ କ୍ଷମତାରେ ବା ବିରୋଧୀ ଦଳ ଆସନରେ ରହନ୍ତୁ ନା କାହିଁକି ପରିସ୍ଥିତି ଅପରିବର୍ତ୍ତିତ ରହୁଛି। ଅନେକ ସମୟରେ ଶାସକ ଦଳ ସଭ୍ୟମାନେ ମଧ ଗୃହରେ ହଟ୍ଟଗୋଳ କରି ଅଚଳାବସ୍ଥା ସୃଷ୍ଟି କରିବାର ନଜିର ଦେଖିବାକୁ ମିଳୁଛି। ରାଜ୍ୟ ବିଧାନସଭାର ଚଳିତ ଅଧିବେଶନରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଛୋଟ ଛୋଟ ପ୍ରସଙ୍ଗରେ ବିଧାନସଭାରେ ଏପରି ହଟ୍ଟଗୋଳ ହେଉଛି ଯେ, ବାଚସ୍ପତିଙ୍କୁ ବାରମ୍ବାର ଗୃହକୁ ମୁଲତବି ରଖିବାକୁ ପଡୁଛି। ବିଧାନସଭାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କ୍ୱଚିତ ଦେଖିବାକୁ ମିଳୁଛି। ମୁଲତବି ପ୍ରସ୍ତାବ ଉପରେ ମଧ ଆଲୋଚନା ହୋଇପାରୁନି। ସମ୍ପ୍ରତି କଂଗ୍ରେସ ବିଧାୟକମାନେ ଗୃହରେ ନାରୀ ନିର୍ଯାତନା ପ୍ରସଙ୍ଗରେ ତୁମୁଳ ହଟ୍ଟଗୋଳ ଜାରି ରଖିଛନ୍ତି। ପ୍ରସଙ୍ଗ ବେଶ ଗୁରୁତର। ଏହାକୁ ଅଣଦେଖା କରାଯିବା ଅନୁଚିତ। କିନ୍ତୁ କଂଗ୍ରେସ ସଭ୍ୟମାନେ ଯେପରି ଭାବେ ଗୃହରେ ଘଣ୍ଟ ବଜାର, ବିଭିନ୍ନ ପ୍ରକାର ବାଦ୍ୟ ବଜାଇ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ତାହା ଅନୁଚିତ। ଏହା କେବଳ ଗୃହର ମର୍ଯାଦା ହାନି କରୁନି, ବିଧାନସଭାର ଗୁରୁତ୍ୱ ହ୍ରାସ କରୁଛି ଏବଂ ଜନ ପ୍ରତିନିଧିଙ୍କ ଦାୟିତ୍ୱ ତଥା ଅଧିକାରକୁ ସଙ୍କୁଚିତ କରୁଛି। ସରକାରଙ୍କ ଦୋଷ ତ୍ରୁଟିକୁ ଦର୍ଶାଇବା, ଏହାକୁ ବିରୋଧ କରିବା, ନ୍ୟାୟ ଦାବି କରିବାର ଅଧିକାର ବିରୋଧୀ ଦଳର ରହିଛି। ଏହା ସେମାନଙ୍କର ଅଧିକାର। କିନ୍ତୁ ବିରୋଧ ଅର୍ଥ ବିଶୃଙ୍ଖଳା ନୁହେଁ। କୌଣସି ପରିସ୍ଥିତିରେ କୌଣସି କ୍ଷେତ୍ରରେ ଶାଳୀନତାର ସୀମା ଅତିକ୍ରମ କରାଯିବା ଅନୁଚିତ। କଂଗ୍ରେସ ବିଧାୟକମାନେ ବିଧାନସଭାରେ ଯେପରି ଭାବେ ଆଚରଣ ପ୍ରଦର୍ଶନ କରୁଛନ୍ତି ତାହା ଅନୁଚିତ। ଏଥିପାଇଁ ବାଚସ୍ପତି ସେମାନଙ୍କୁ ୭ ଦିନ ପାଇଁ ଗୃହରୁ ସସପେଣ୍ଡ କରିଛନ୍ତି। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଏହା ଉପରେ ସର୍ବଦଳୀୟ ବୈଠକ ଡକାଯାଇ ସମସ୍ୟାର ଆପୋଷ ସମାଧାନ ହେବା ଉଚିତ। ବିଧାନସଭାକୁ କ୍ଲବ ଘର କରାନଯାଉ। ଗଣତନ୍ତ୍ରର ମନ୍ଦିର ଅପବିତ୍ର ନହେଉ। ବିଧାନସଭା ଅଧିବେଶନ ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଛି। ଏହାର ସଦୁପଯୋଗ ହେବା ଉଚିତ। ଜନତାଙ୍କ ଟିକସ ଅର୍ଥକୁ ବରବାଦ କରାନଯାଉ। ଲୋକଙ୍କ ସମସ୍ୟା ସମ୍ପର୍କରେ ଗୃହରେ ଆଲୋଚନା ହେଉ। ବିରୋଧୀ ଦଳର ଦାୟିତ୍ୱ ଏବଂ କର୍ତ୍ତବ୍ୟ ହେଲା ବିତର୍କ ମାଧମରେ ସରକାରଙ୍କୁ ଆକ୍ରମଣ କରିବା। ଏହି ସୁଯୋଗକୁ ସେମାନେ ହାତଛଡ଼ା କରିବା ଅନୁଚିତ। ଭାରତରେ ଜନତା ବେଶ ପରିପକ୍ୱ ଏବଂ ସଚେତନ। ସେମାନଙ୍କୁ ହିଂସାତ୍ମକ ଆଚରଣ ଦ୍ୱାରା କେହି ବିଭ୍ରାନ୍ତ କରିପାରିବେ ନାହିଁ ବା ହିଂସା ମାଧମରେ କେହି ଜନସମର୍ଥନ ହାସଲ କରିପାରିବେ ନାହିଁ।

# ଦେଶର ସୁରକ୍ଷା ଓ ବ୍ଲାକରୋଜ

**ସତୀଶ ବିଶ୍ୱାଳ**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୁମାସ୍ତା ସାଜିଥିବା ଜଣେ ତାମିଲ ବ୍ୟକ୍ତି ଓଡ଼ିଶାକୁ ଚଲାଉଛି। ଯାଜପୁରର ଜଣେ ବ୍ୟକ୍ତି ସେହି ଗୁମାସ୍ତାଙ୍କ କ୍ରିତଦାସ ପାଲଟିଛନ୍ତି। ପାରାଦ୍ୱୀପ ବନ୍ଦରରେ ବୁଡିଥିବା ବ୍ଲାକରୋଜ ଜାହାଜ ମାମଲାରେ କ୍ରିତଦାସ ଜେଲ ଯିବେ କହି କଟାକ୍ଷ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗତ ୨୮ ମେ ୨୦୨୪ ଯାଜପୁର ଜିଲ୍ଲାରେ ନିର୍ବାଚନ ପ୍ରଚାର ଅବସରରେ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ଭାରତ ସରକାରଙ୍କ ଜଣେ ବରିଷ୍ଠ ପ୍ରଭାବଶାଳୀ ମନ୍ତ୍ରୀଙ୍କ ଉପରୋକ୍ତ ମତର କୌଣସି ମୂଲ୍ୟ ନାହିଁ ବୋଲି କଦାପି ସ୍ୱୀକାର କରାଯାଇ ନପାରେ।

ଗତ ୨୪ ମାର୍ଚ୍ଚ ୨୦୨୫ରେ ପୁଣି ବିଧାନସଭାରେ ଏହି ପ୍ରସଙ୍ଗ ଉଠିଲା। ବିଧାନସଭାରେ ଖଣି ବିଭାଗର ଖର୍ଚ୍ଚ ଦାବି ଆଲୋଚନା ସମୟରେ ବି.ଜେ.ପି ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ପ୍ରସଙ୍ଗ ଉଠାଇଥିଲେ। ସେ ଆଉ ଦୁଇପାଦ ଆଗକୁ ଯାଇ ଆକ୍ଷେପ କରି କହିଛନ୍ତି ଯେ, ବ୍ଲାକରୋଜ ଜାହାଜ କାହାର, କିଏ ମାଲ ପଠାଉଥିଲା, ତାର ସଠିକ ତଦନ୍ତ ହେଲେ ବିଜୁ ଜନତା ଦଳର ଖଣି ଦୁର୍ନିତି ଧରାପଡ଼ିବ। ଏହି ଜାହାଜରେ ବି.ଜେ.ଡିର ଟାଣୁଆ ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସଙ୍କ କମ୍ପାନୀ ଦ୍ୱାରା ମାଲ ପଠା ଯାଉଥିଲା। ଯଦିଓ ପଏଂଟ ଅଫ ଅର୍ଡର ବଳରେ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାର ପ୍ରତିବାଦ କରିଥିଲେ। ହେଲେ ଦେଶ ତଥା ରାଜ୍ୟର ବୃହତର ସ୍ୱାର୍ଥରକ୍ଷା ପାଇଁ ଏହି ମହାଲୁଟ ନେଇ ବି.ଜେ.ଡିର ବିଧାୟକ ମାନେ ମଧ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ରଖିଛନ୍ତି। ଏହି ସମୟରେ ବିଧାନସଭାରେ ବି.ଜେ.ଡିର ବହୁ ବିଧାୟକଙ୍କ ମୁରୁକି ହସ ଏହାର ସୂଚନା ଦେଉଥିଲା।

ବ୍ଲାକରୋଜ ଜାହାଜ ବୁଡି ନେଇ ସିବିଆଇ ତଦନ୍ତ ପାଇଁ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟର ଦୁଇଜଣ ଟ୍ରଷ୍ଟି ୯ ସେପ୍ଟେମ୍ବର ୨୦୧୬ରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ପତ୍ର ଲେଖିଥିଲେ। ଏହି ଅଭିଯୋଗ ପତ୍ର ଆଧାରରେ କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟର ଉପସଚିବଙ୍କ ତରଫରୁ ୨୦ ଜୁନ ୨୦୧୮ ରିଖରେ ସି.ବି.ଆଇ ନିର୍ଦ୍ଦେଶକଙ୍କୁ ଏକ ପତ୍ର ପ୍ରଦାନ କରାଯାଇ ଥିଲା। ସି.ବିଆଇ ନିର୍ଦ୍ଦେଶକଙ୍କ ତରଫରୁ ଉକ୍ତ ପତ୍ରକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସିବିଆଇର ଭୁବନେଶ୍ୱର ଶାଖାକୁ ପଠାଗଲା। ଏହାପରେ ସିବିଆଇ ଜାଣିବାକୁ ପାଇଥିଲା ଯେ, ଓଡ଼ିଶା ହାଇକୋର୍ଟରେ ଏଥିନେଇ ଦୁଇଟି ମାମଲା ରୁଜୁ ହୋଇଛି। ଗୁରୁପ୍ରସାଦ ମହାନ୍ତିଙ୍କ ତରଫରୁ ଓଡ଼ିଶା ହାଇକୋର୍ଟରେ ମାମଲା ଡବଲ୍ୟୁ ପି (ସି) ନଂବର-୧୬୩୬୫/୨୦୦୯ ଏବଂ ଶଙ୍ଖନାଦ ବେହେରାଙ୍କ ତରଫରୁ ନଂବର-୧୬୩୭୯ / ୨୦୦୯ କରାଯାଇ ଏକ ନିର୍ଭରଯୋଗ୍ୟ ସ୍ୱାଧୀନ ତଦନ୍ତକାରୀ ସଂସ୍ଥା ଦ୍ୱାରା ଘଟଣାର ତଦନ୍ତ ପାଇଁ ନିବେଦନ କରାଯାଇ ଥିଲା। ଡବଲ୍ୟୁ ପି ନଂ-୧୬୩୭୯ / ୨୦୦୯ ରେ ସି.ବି.ଆଇ ତରଫରୁ ସତ୍ୟପାଠ ଦାଖଲ କରା ଯାଇଥିଲା ଯେ, ହାଇକୋର୍ଟ ନିର୍ଦ୍ଦେଶ ଦେଲେ ଏମ ଭି ବ୍ଲାକରୋଜ ଜାହାଜ ବୁଡି ନେଇ ସି.ବି.ଆଇ ତଦନ୍ତ କରିବାକୁ ସିବିଆଇ ପ୍ରସ୍ତୁତ। ହେଲେ ଏହାପରେ ହାଇକୋର୍ଟରେ ଏହି କେସର ଅଭିଯୋଗକାରୀ ଶଙ୍ଖନାଦଙ୍କ ମୃତ୍ୟୁ ହେବାରୁ ଏହି ମାମଲା ରଦ୍ଦ କରି ଦିଆଗଲା। ଅନ୍ୟ ଗୋଟିଏ କେସରେ ଅଭିଯୋଗକାରୀ ହାଇକୋର୍ଟର ଶୁଣାଣୀରେ ହାଜର ହେଲେନାହିଁ। ଏହି ଘଟଣା ମଧ ସିବିଆଇ ତରଫରୁ ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ପତ୍ର ଦ୍ୱାରା ଜଣାଇ ଦିଆଯାଇ ସିବିଆଇ ତଦନ୍ତ ପାଇଁ ମାନ୍ୟବର ହାଇକୋର୍ଟରେ ମନ୍ତ୍ରଣାଳୟ ପକ୍ଷ ରଖିବାକୁ ଅନୁରୋଧ କରାଯାଇ ଥିଲା। ହେଲେ ଜାହାଚ ଚଳାଚଳ ମନ୍ତ୍ରଣାଳୟ ଚୁପ ରହିଗଲା।

ସିବିଆଇ ତରଫରୁ ଏଥିନେଇ ହୋଇଥିବା ପ୍ରାରମ୍ଭିକ ଅନୁଧାନରେ ଜଣା ପଡ଼ିଥିଲା ଯେ, ବ୍ଲାକରୋଜ ବୁଡି ନେଇ ମେରାଇନ ପୋଲିସ ଷ୍ଟେସନ ପାରାଦ୍ୱୀପରେ ଗତ ୯ ଅକ୍ଟୋବର ୨୦୦୯ ରେ କେସ ନଂବର- ୨୮/୨୦୦୯ ରୁଜୁ ହୋଇଛି। ଏଥିନେଇ ଶ୍ରୀ କକ ସିତିକ, ପରିଚାଳନା ନିର୍ଦ୍ଦେଶକ ଏମ/ଏସ ପାକମାର ସିପିଙ୍ଗ କର୍ପୋରେସନ ପ୍ରାଇଭେଟ ଲିମିଟେଡ, ସଙ୍ଗାପୁରଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ ୪୦୯, ୪୨୦, ୪୭୧ ଏବଂ ୩୪ ରେ ଚାର୍ଜସିଟ ହୋଇଛି। ସିଆରପିସି ୧୭୩ (୮) ଅନୁସାରେ ଘଟଣାର ତଦନ୍ତ ଖୋଲା ରହିଥିଲା। ଏହାପରେ ସିବିଆଇ ତରଫରୁ ଏହି ଘଟଣା ନେଇ ତଦନ୍ତ କରିବାକୁ ଆଗ୍ରହ ପ୍ରକାଶ କରାଯାଇ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାରଙ୍କୁ ପତ୍ର ପ୍ରଦାନ କରାଯାଇ ଥିଲା। ହେଲେ ଅଦ୍ୟାବଧି ସବିଆଇ ତଦନ୍ତ ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଉପରୋକ୍ତ ପତ୍ରର କୌଣସି ଉତର ପ୍ରଦାନ କରାଯାଇ ନାହିଁ। ଏହି ଘଟଣାର ସବିଆଇ ତଦନ୍ତ ପାଇଁ ମାନ୍ୟବର ଓଡ଼ିଶା ହାଇକୋର୍ଟ, କେନ୍ଦ୍ର ସରକାର କିମ୍ବା ଓଡ଼ିଶା ସରକାରଙ୍କ ତରଫରୁ ସବିଆଇକୁ କୌଣସି ନିର୍ଦ୍ଦେଶ ମିଳିଲା ନାହିଁ। ଫଳରେ ସିବିଆଇ ତଦନ୍ତ କରିବା ପାଇଁ ସକ୍ଷମ ହୋଇ ପାରିଲା ନାହିଁ। ଉପରୋକ୍ତ ଘଟଣାକ୍ରମ ଅନୁସାରେ ବ୍ଲାକରୋଜ ନେଇ ସିବିଆଇ ତଦନ୍ତ କରିପାରିଲା ନାହିଁ ବୋଲି ଖୋଦ ସିବିଆଇ ତରଫରୁ ଭୁବନେଶ୍ୱର ଶାଖାର ସିନିୟର ସୁପରିଟେଣ୍ଡେଂଟ ଶ୍ରୀ ମନିଷ ଭିରେଶ ସୁର୍ତ୍ତି ଗତ ୮ ଫେବୃୟାରୀ ୨୦୨୩ ରିଖରେ ପ୍ରଦାନ କରିଥିବା ଏକ ପତ୍ରରେ ସ୍ପଷ୍ଟ କରିଛନ୍ତି।

ବ୍ଲାକରୋଜରେ ଲୁଟ ହୋଇଥିବା କୋଟି କୋଟି ଟଙ୍କାର ଦେଶର ଖଣିଜ ସମ୍ପଦ ତ ଧରା ପଡୁନାହିଁ। ହେଲେ ଏହା ବୁଡିବା ପରେ ସମୁଦ୍ର ଭିତରେ ଏହାର ଯନ୍ତ୍ରାଂଶ ଏବଂ ଏଥିରୁ ଲିକ ହେଉଥିବା ତୈଳ ସମୁଦ୍ରକୁ କରୁଥିବା ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ସରକାର ୧୭.୫୦ କୋଟି ଟଙ୍କା ଡଣ୍ଡ ଗଣିଲେ। ଅନ୍ତତ ଦେଶର ତଥା ଲୋକଙ୍କ ଏହି ୧୭.୫୦ କୋଟି ଟଙ୍କା ବ୍ଲାକରୋଜ ଜାହାଜ ମାଲିକ ତଥା ସମ୍ପୃକ୍ତ ଖଣି ଚୋରଙ୍କ ଠାରୁ ଆଦାୟ ପାଇଁ ୦୨ ନଭେମ୍ବର ୨୦୧୬ ରିଖରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଆକୁଳ ନିବେଦନ ପତ୍ର ପ୍ରଦାନ କରିଥିଲି। ଏହି ପତ୍ର ଆଧାରରେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ଡେପୁଟି କନଜରଭେଟର ପୁନଶ୍ଚ ୧୯ ନଭେମ୍ବର ୨୦୧୬ ରେ ମୋତେ ଦେଇଥିବା ପତ୍ର ନଂବର-୧୯୦୧ ରେ ଦର୍ଶାଇଲେ ଯେ, କଲକତା ହାଇକୋର୍ଟଙ୍କ ତା୧୯.୦୪.୨୦୧୦ ନିର୍ଦ୍ଦେଶ ଅନୁସାରେ ବ୍ଲାକରୋଜ ବୁଡି ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ। ସିଙ୍ଗାପୁରର ଜାହାଜ, ବୁଡୁଛି ଓଡ଼ିଶାର ପାରାଦ୍ୱୀପରେ ହେଲେ କଲିକତା କୋର୍ଟରୁ କାର୍ଯ୍ୟାନୁଷ୍ଠାନ ନେଇ ରହିତାଦେଶ ଆସୁଛି। ଚୋରଙ୍କ ଏତେ ସବୁ କାଣ୍ଡକୁ ବିଲେଇ ଆଖି ବୁଜି କ୍ଷୀର ପିଇବା ପରି, ସରକାର ବାହାଦୂର ନୀରବଦ୍ରଷ୍ଟା ସାଜି ମୌନେ ସମ୍ମତି ଲକ୍ଷଣ ପ୍ରଦର୍ଶନ କରିଛନ୍ତି।

ଏଥିନେଇ ପୁନଶ୍ଚ ୨୨ ସେପ୍ଟେମ୍ବର ୨୦୧୬ ରେ ଏହି ସ୍ତମ୍ଭକାର ତରଫରୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ସମାନ ପ୍ରସଙ୍ଗ ନେଇ ହୋଇଥିବା ଅଧିକ ତଥ୍ୟ ସମ୍ବଳିତ ଅଭିଯୋଗ ଆଧାରରେ ହୋଇଥିବା ତଦନ୍ତ ନେଇ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ତରଫରୁ ମୋତେ ୨୪ ଅକ୍ଟୋବର ୨୦୧୫ ରେ ପତ୍ର ନଂବର-୧୭୫୪ ରେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ସମୁଦ୍ର ବିଭାଗର ଡେପୁଟୀ କଞ୍ଜରଭେଟର ଦର୍ଶାଇଲେ ଯେ, ବ୍ଲାକରୋଜ ଜାହାଜ ବୁଡିବା ପୂର୍ବରୁ ୬ ଥର ପାରାଦ୍ୱୀପ ବନ୍ଦରକୁ ଆସିଛି। ଜାହାଜଟି ପି ଆଣ୍ଡ ଆଇ କଂପାନୀରେ ଇନସ୍ୟୁରାନ୍ସ କରିଥିଲା ବୋଲି ଦର୍ଶା ଯାଉଥିଲା। ହେଲେ ଜାହାଜ ବୁଡିବା ପରେ ବ୍ଲାକରୋଜର ଏହି ଇନସ୍ୟରାନ୍ସ ଜାଲିଆତି ବୋଲି ଜଣା ପଡ଼ିଥିଲା।

ମୋର ବାରମ୍ବାର ହସ୍ତକ୍ଷେପ ପରେ ଅଦ୍ୟାବଧି ବ୍ଲାକରୋଜର ସମସ୍ତ ଜାଲିଆତିକୁ ଘଣ୍ଟ ଘୋଡାଇଥିବା ପ୍ରଶାସନ ତଥା ସରକାର ପରିସ୍ଥିତିର ବାଧବାଧକତାରେ ଏହି ଇନସ୍ୟୁରାନ୍ସ ଜାଲିଆତି ବୋଲି ପ୍ରଥମ ଥର ସ୍ୱୀକାର କଲେ। ନାକରେ ପାଣି ପଶିବା ପରେ ଶେଷକୁ ସମୁଦ୍ରରେ ବୁଡି ରହିଥିବା ଜାହାଜ ଯନ୍ତ୍ରାଂଶ ଓ ସମୁଦ୍ରକୁ ପ୍ରଦୂଷିତ କରୁଥିବା ଜାହାଜର ତେଲ ସଫା କରିବାରେ ଖର୍ଚ୍ଚ ହୋଇଥିବା ୧୭.୫୦ କୋଟି ଟଙ୍କା ଆଉ ସରକାରଙ୍କ ପାଣ୍ଠିକୁ ଫେରିବ ନାହିଁ ବୋଲି ସ୍ୱୀକାର କରି ପ୍ରଶାସନ ହାତ ଟେକିଦେଲେ। କଥାରେ ଅଛି ସରକାରକା ମାଲ ଦରିଆମେ ଦାଲ। ଯେତେବେଳେ ଶହ ଶହ କୋଟି ଟଙ୍କାର ଖଣିଜ ପଦାର୍ଥ ଲୁଟ ନେଇ ସରକାର ଚୁପ ବସିଛନ୍ତି, ସେତେବେଳେ ଦେଶର ୧୭.୫୦ କୋଟି ଟଙ୍କାକୁ ପଚାରେ କିଏ ?

ବ୍ଲାକରୋଜରେ ଶହ ଶହ କୋଟି ଟଙ୍କାର ଖଣିଜ ପଦାର୍ଥ ସମୁଦ୍ରରେ ପରିବହନ ହେଉଥିଲା। ଏ ଦୃଷ୍ଟିରୁ ନିଜର ସ୍ୱାର୍ଥ ରକ୍ଷା ପାଇଁ ଇନସ୍ୟୁରାନ୍ସ ଠିକ ରଖିବା ଜାହାଜ ମାଲିକଙ୍କ ପ୍ରଥମ କାର୍ଯ୍ୟ ହେବା କଥା। ଗୋଟିଏ ସ୍କୁଟରର କାଗଜପତ୍ର ନଥିଲେ ଗାଁ ଛକରେ ପୋଲିସ ଗୋଡାଇ ଧରିଥାଏ। ହେଲେ ଏ କ୍ଷେତ୍ରରେ ଇନସ୍ୟୁରାନ୍ସ ନଥିବା ଅର୍ଥ ହେଉଛି ବ୍ଲାକରୋଜର ଅନ୍ୟାନ୍ୟ କୌଣସି କାଗଜପତ୍ର ନଥାଇ ଗୋଟିଏ ଜାହାଜ ଦେଶ ଭିତରକୁ ପ୍ରବେଶ କରୁଥିଲା। ଉଭୟ ଦେଶ ଏବଂ ରାଜ୍ୟ ସରକାରର ଶାସନ ଓ ପ୍ରଶାସନ କଳର ବହୁ ଶକ୍ତିଶାଳୀଙ୍କ ପ୍ରମୁଖ ଭୂମିକା ନଥିଲେ ବ୍ଲାକରୋଜ ଅନ୍ତରାଳର ମହାଲୁଟ ସମ୍ଭବ ହୋଇ ନଥାନ୍ତା। କେବଳ ବ୍ଲାକରୋଜ ଦେଶ ଭିତରକୁ ବିନା କାଗଜପତ୍ରରେ ପ୍ରବେଶ କରି ନଥିଲା ବରଂ ଦୈନିକ ଆମ ଓଡ଼ିଶାର ରାଜରାସ୍ତାରେ ସ୍ପଷ୍ଟ ଦିବାଲୋକରେ ବହୁ କୋଟି ଟଙ୍କାର ଚୋରୀ ହୋଇଥିବା ଖଣିଜ ପଦାର୍ଥ ପାରାଦ୍ୱୀପ ବନ୍ଦରକୁ ଟ୍ରକ ଦ୍ୱାରା ପରିବହନ ହୋଇ ବ୍ଲାକରୋଜରେ ବୋଝେଇ ହୋଇ ବିଦେଶକୁ ଚାଲି ଯାଉଥିଲା। ବ୍ଲାକରୋଜ ଜାହାଜ ବୁଡି ପରେ ଏହି ଜାହାଜର ମାଲିକାନା କେହି ଦାବି କରି ନଥିଲେ। ଏପରିକି ଏହି ଜାହାଜରେ ଥିବା ବହୁକୋଟି ଟଙ୍କାର ଖଣିଜ ପଦାର୍ଥର କେହି ଦାବିଦାର ହୋଇ ନଥିଲେ। ଯେହେତୁ ଜାହାଜ ଠାରୁ ଜାହାଜରେ ଯାଉଥିବା ଖଣିଜ ପଦାର୍ଥ ସବୁକଛି ଚୋରା, ତେଣୁ ଏହାର କେହି ଦାବିଦାର ନହେବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।




> **ବ୍ଲାକରୋଜ କେବଳ ଗୋଟିଏ ଜାହାଜ ବୁଡି ଘଟଣାରେ ସୀମିତ ନୁହେଁ। ଏହାର ଅନ୍ତରାଳରେ ଦେଶର ଶହ ଶହ କୋଟି ଟଙ୍କାର ସମ୍ପଦ ଲୁଟ ହୋଇଛି। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ନେଇ ବଡ ଚେତାବନୀ ହେଉଛି ବ୍ଲାକରୋଜ ଜାହାଜ। ଆବଶ୍ୟକ କାଗଜପତ୍ର ନଥାଇ ଦେଶ ବାହାରର ଗୋଟିଏ ଜାହାଡ ଯଦି ପାରାଦ୍ୱିପ ବନ୍ଦର ଭିତରକୁ ସହଜରେ ଯାଇ ଆସି ପାରୁଥିଲା, ତେବେ ଶତ୍ରୁରାଷ୍ଟ୍ର ଏ ଦେଶ ଭିତରକୁ କ୍ଷେପଣାସ୍ତ୍ର ସହ ପ୍ରବେଶରେ ଅସୁବିଧା ହେବନାହିଁ। (କ୍ରମଶଃ)**

ଆମ ଦେଶରେ ଧର୍ମେନ୍ଦ୍ର ପ୍ରଧାନ ଜଣେ ସଫଳ ଓଡିଆ ନେତା। କେନ୍ଦ୍ର ସରକାରରେ ଧର୍ମେନ୍ଦ୍ର ପ୍ରଧାନ ଓଡିଆ ଲୋକଙ୍କ ସ୍ୱର। ତାଙ୍କର ବାପା ଦେବେନ୍ଦ୍ର ପ୍ରଧାନ ମଧ ଦେଶର ସଫଳ ଓଡିଆ ନେତା। ଧର୍ମେନ୍ଦ୍ରବାବୁଙ୍କ ଉପରେ ଓଡିଆ ଲୋକଙ୍କ ଭରସା ରହିଛି। ଏହି ଘଟଣାରେ ସମ୍ପୃକ୍ତଙ୍କୁ କାରାଦଣ୍ଡ ପାଇଁ ଧର୍ମେନ୍ଦ୍ରବାବୁ ମଧ ରାଜ୍ୟବାସୀଙ୍କୁ ସ୍ପଷ୍ଟ ଭରସା ପ୍ରଦାନ କରିଛନ୍ତି। ଗତ ୯ ସେପ୍ଟେମ୍ବର ୨୦୦୯ରେ ବ୍ଲାକରୋଜ ଜାହାଜ ପାରାଦ୍ୱୀପ ବନ୍ଦରର ୧.୫ ନଟିକାଲ ମାଇଲ ଦୂରରେ ସମୁଦ୍ରରେ ବୁଡି ଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଦେଶର ଏତେବଡ କ୍ଷତି ନେଇ ଏବଂ ବ୍ଲାକରୋଜରେ ରାଜ୍ୟର କୋଟି କୋଟି ଟଙ୍କାର ଖଣି ଲୁଟ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଲା ନାହିଁ। ଏଥିପାଇଁ ଇତିହାସ ନିଶ୍ଚୟ ଧର୍ମେନ୍ଦ୍ରବାବୁଙ୍କ ପରି ଓଡିଆ ନେତାଙ୍କୁ ଉତରଦାୟୀ କରିବ। କାରଣ ଲୋକେ ଯାହାକୁ ଯେତିକି ଭରସା କରନ୍ତି, ତାଙ୍କ ଠାରୁ ସେତିକି ଆଶା ମଧ ରଖନ୍ତି। ବ୍ଲାକରୋଜ ବୁଡି ପରି ଗୋଟିଏ ଘଟଣାରେ ରାଜ୍ୟର ଦାୟୀତ୍ୱପୂର୍ଣ୍ଣ ରାଜନୈତିକ ଦଳ ବିଜୁ ଜନତା ଦଳର ନୀରବତା ହିଁ ପ୍ରମାଣ କରୁଛି ଯେ, ଏହି ଦଳର ନେତା ଏଥିରେ ସମ୍ପୃକ୍ତ। ଦେଶରେ ବି.ଜେ.ପି ବିରୋଧୀ ନେତା କେଜିରୱାଲ ଏବଂ ଅନ୍ୟ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ରାତାରାତି ସିବିଆଇ ତଦନ୍ତ ହେଉଥିବା ବେଳେ ବ୍ଲାକରୋଜ ଘଟଣାରେ ସିବିଆଇ ତଦନ୍ତ ନହେବା ନେଇ ବି.ଜେ.ପି ମଧ ସନ୍ଦେହ ବଳୟକୁ ଆସିଛି।

ଅତୀତରେ ସିବିଆଇ ତଦନ୍ତ ଅନୁମତି ପାଇଁ ସି.ବି.ଆଇ ନିର୍ଦ୍ଦେଶକଙ୍କ ତରଫରୁ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇ ଥିବା ପତ୍ର ନେଇ ଏବେ ରାଜ୍ୟରେ କ୍ଷମତାକୁ ଆସିଥିବା ବି.ଜେ. ପି ସରକାର ବି ଚୁପ ରହିଛି। ହେଲେ କଂଗ୍ରେସ ଏବଂ ଗଣମାଧମ ଏହାଠାରୁ ଗୌଣ ପ୍ରସଙ୍ଗକୁ ଯେତିକି ଗୁରୁତ୍ୱ ପ୍ରଦାନ କରୁଛନ୍ତି, ତାହା ବ୍ଲାକରୋଜ ଅନ୍ତରାଳରେ ହୋଇଥିବା ଦେଶର ବଡ ଲୁଟକୁ ସେତିକି ଗୁରୁତ୍ୱ ଦେଉ ନାହାନ୍ତି। ଏଥିରୁ ବ୍ଲାକରୋଜର କଳାଜାଲରେ ଯେମିତି ସମସ୍ତେ ବାନ୍ଧି ହୋଇଥିବା ପରି ଅଭିଯୋଗ ଉଠିବା ବି ସ୍ୱାଭାବିକ।

ବରିଷ୍ଠ ସାମ୍ବାଦିକ, ଭୁବନପୁର, ମଧୁପୁରଗଡ଼, ଧର୍ମଶାଳା,
ଯାଜପୁର,
ମୋ-୯୪୩୭୦୧୯୧୧୭

# ନୂଆ ଜଳବାୟୁର ସଂକେତ

**ସୌଭାଗ୍ୟ ରଞ୍ଜନ ମହାନ୍ତି**



ଋତୁ ଚକ୍ରରେ ସାଧାରଣତଃ ଆମ ଦେଶରେ ମାର୍ଚ୍ଚ ମାସରୁ ଜୁନ ମାସ ପର୍ଯ୍ୟନ୍ତ ଚାରିମାସକୁ ଗ୍ରୀଷ୍ମଋତୁ କୁହାଯାଇଥାଏ। ଗ୍ରୀଷ୍ମ ଋତୁର ଶେଷ ଆଡକୁ ଅର୍ଥାତ ଶେଷ ଦୁଇ ମାସରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥାଏ। କିନ୍ତୁ ଚଳିତ ବର୍ଷ ଫେବୃୟାରୀ ମାସରେ ଦେଶର ବିଭିନ୍ନ ଭାଗରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଛି। ଫେବୃୟାରୀ ମାସର ଶେଷ ସପ୍ତାହରେ ଗୋଆ, ମହାରାଷ୍ଟ୍ର, ତେଲେଙ୍ଗାନା, ଓଡ଼ିଶା ଆଦି କେତେକ ରାଜ୍ୟରେ ଦିନର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ଫେବୃୟାରୀ ମାସ ସାରା ଦେଶର ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ରାତ୍ରିର ତାପମାତ୍ରା ସ୍ୱାଭାବିକଠାରୁ ୧ଡିଗ୍ରୀ ସେଲସିୟସ ଅଧିକ ଥିବାବେଳେ ୨୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ରାତ୍ରିର ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୫ଡିଗ୍ରୀ ସେଲସିୟସ ଅଧିକ ରହିଥିଲା। କହିବା ବାହୁଲ୍ୟ ଯେ, ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସାଧାରଣତଃ ଫେବୃୟାରୀ ମାସକୁ 'ଶୀତ ଋତୁ' ଶ୍ରେଣୀଭୁକ୍ତ କରିଛି। ଏବେ ଫେବୃୟାରୀ ମାସରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ତଥା ଦିନର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବା ନିଶ୍ଚିତ ଭାବେ ଏକ ନୂଆ ପ୍ରକାରର ଜଳବାୟୁର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ବିଶ୍ୱ ତଥା ଆନ୍ତର୍ଜାତିକ ତାପମାତ୍ରା ଅସ୍ୱାଭାବିକ ଭାବେ ବଢ଼ିବା ନେଇ ଦୀର୍ଘ ଦିନରୁ ସତର୍କ କରାଇ ଦେଇଛନ୍ତି। ଉଭୟ ସ୍ଥଳ ଓ ଜଳଭାଗ (ସମୁଦ୍ର)ରେ ତାପମାତ୍ରା ବୃଦ୍ଧି ପାଇବା ସହ ଅସହ୍ୟ ଗ୍ରଷ୍ମ ପ୍ରବାହ (ହିଟୱେଭ୍) ଲାଗି ରହିବ। ଏହାର ପରିଣତି ଯେ, ଅତ୍ୟନ୍ତ ଭୟାବହ ହେବା ନେଇ ବୈଜ୍ଞାନିକମାନେ ଚେତାବନୀ ଦେଇ କହିଛନ୍ତି ଯେ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ରାଷ୍ଟ୍ରମାନଙ୍କୁ ବେଳହୁଁ ସାବଧାନ ହେବା। ବିଶେଷ କରି ଭୂମିକମ୍ପ, ବନ୍ୟା, ସାମୁଦ୍ରିକ ବାତ୍ୟାର ମୁକାବିଲା ପାଇଁ ରାଷ୍ଟ୍ରମାନେ ଯେପରି ଯୋଜନାବଦ୍ଧ ଭାବେ ଆଗୁଆ ସତର୍କତା ଏବଂ ଯୋଜନା ପ୍ରସ୍ତୁତ କରିଥାନ୍ତି, ସେହିପରି ସମ୍ଭାବ୍ୟ ହିଟ୍‌ୱେଭ୍‌ର ମୁକାବିଲା ପାଇଁ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଆମ ଦେଶରେ ଗତ କିଛି ଦଶନ୍ଧି ଧରି ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେଉଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହାର ମୁକାବିଲା ପାଇଁ ବର୍ତ୍ତମାନ ସୁଦ୍ଧା ସରକାର କିମ୍ବା ସ୍ଥାନୀୟ ପ୍ରଶାସନ କୌଣସି ଯୋଜନା ପ୍ରସ୍ତୁତ କରିନଥିଲା ମନେହୁଏ। 'ସଷ୍ଟେନବୁଲ ଫ୍ୟୁଚର କୋଲାବୋରେଟିଭି' ପକ୍ଷରୁ ପ୍ରକାଶିତ ୯ଟି ସହରରେ କରାଯାଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, କୌଣସି ଗୋଟିଏ ହେଲେ ସହରରେ ହିଟୱେଭ୍ ମୁକାବିଲା ପାଇଁ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିନାହାଁନ୍ତି। ତେବେ ସବୁ ଯୋଜନା ପ୍ରସ୍ତୁତ କରିଛନ୍ତି, ତାହା ସାମୟିକ ଜରୁରୀକାଳୀନ ଯୋଜନା। ବିଶେଷ କରି ପାନୀୟ ଜଳଯୋଗାଣ, ଶ୍ରମିକଙ୍କ କାର୍ଯ୍ୟ ନିର୍ଘଂଟ, ହସ୍‌ପିଟାଲଗୁଡିକରେ ଆଶୁ ଚିକିତ୍ସା ସୁବିଧା ପ୍ରଦାନରେ ସୀମିତ। ତେବେ ଗୁରୁତ୍ୱପୂର୍ଣ୍ଣ ଦୀର୍ଘ ମିଆଦୀ ଯୋଜନା ତଥା ଅସହ୍ୟ ଗ୍ରୀଷ୍ମ ପ୍ରବାହରେ କ୍ଷତିଗ୍ରସ୍ତ ଶ୍ରମିକଙ୍କୁ ସହାୟତା, ଅଗ୍ନି ନିରୋଧ ପରିଚାଳନାରେ ଉନ୍ନତି, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଜନସାଧାରଣଙ୍କୁ ଶୀତଳ ବାୟୁପ୍ରଦାନ ପାଇଁ ବ୍ୟବସ୍ଥା ଜରୁରୀ। ସେହିପରି ବ୍ୟାପକ ବୃକ୍ଷରୋପଣ, ତାତି ହ୍ରାସ ପାଇଁ ଖୋଲାସ୍ଥାନର ବ୍ୟବସ୍ଥା, ଶୀତଳ ବାୟୁ ପ୍ରଦାନ ପାଇଁ ଛାତ ଉପରେ ସୋଲାର ବ୍ୟବସ୍ଥା କରାଯିବା ଆବଶ୍ୟକ। ଅନ୍ୟପକ୍ଷରେ ବିଶ୍ୱ ତାପମାତ୍ରା ନିୟନ୍ତ୍ରଣ ପାଇଁ ଆନ୍ତର୍ଜାତିକ ସ୍ତରରେ ରାଷ୍ଟ୍ର ସମୂହ ଜରୁରୀକାଳୀନ ଭିତିରେ ଉଦ୍ୟମ କରିବା ଆବଶ୍ୟକ। ବିଶେଷ କରି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ହ୍ରାସ, କିନ୍ତୁ ଏଥିଲାଗି ୨୦୧୫ ପ୍ୟାରିସ ଜଳବାୟୁ ଶିଖର ବୈଠକରେ ଘୋଷଣାନାମା ପ୍ରକାଶ ପାଇଥିବା ସତ୍ତ୍ୱେ ରାଷ୍ଟ୍ରଗୁଡିକ ବିଶେଷ କରି ପଦକ୍ଷେପ ନେଇଥିବା ମନେହୁଏ ନାହିଁ। ବିଶ୍ୱ ଜଳବାୟୁ ସମ୍ମିଳନୀରୁ ଆମେରିକା ଓହରିଯିବା ଏକ ଶକ୍ତ ଧକ୍କା ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱ ତାପମାତ୍ରା ୧.୫ଡିଗ୍ରୀ ବୃଦ୍ଧି ପାଇଛି। ଆଗକୁ ଯଦି ରାଷ୍ଟ୍ର ମୂହ ଦୀର୍ଘ ମିଆଦୀ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ନକରନ୍ତି, ତେବେ ଭବିଷ୍ୟତରେ ବିଶ୍ୱ ତାପମାତ୍ରା ଆହୁରି ବୃଦ୍ଧି ପାଇବ। ଏହା ନିସନ୍ଦେହ ଯେ, ବିଶ୍ୱ ତାପମାତ୍ରା ଆହୁରି ବୃଦ୍ଧି ପାଇବ। ଏହା ନିସନ୍ଦେହ ଯେ, ବିଶ୍ୱ ତାପମାତ୍ରା ବୃଦ୍ଧି ତଥା ଜଳବାୟୁ ପରିବର୍ତନ ଯୋଗୁଁ ବନ୍ୟା, ବାତ୍ୟା, ମରୁଡ଼ି, ଅଦିନିଆବର୍ଷା, ଆଗୁଆ ଗ୍ରୀଷ୍ମପ୍ରବାହ, ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତନ ଆଦି ପ୍ରାକୃତିକ ବିପର୍ଯ୍ୟାୟ ବଢୁଛି।



ଭାରତ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟାୟର ଶିକାର ହୋଇଛି। ହିଟୱେଭ୍ ଏବଂ ବିଶ୍ୱତାପମାତ୍ରା ମୁକାବିଲା ପାଇଁ ଆସନ୍ତା ନଭେମ୍ବରରେ ବ୍ରାଜିଲରେ ଅନୁଷ୍ଠିତ ହେବାକୁ ଯାଉଥିବା ଜଳବାୟୁ ପରିବର୍ତନ ସମ୍ମିଳନୀ (କୋପ୍ ୩୦) ପୂର୍ବରୁ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରିବାକୁ ହେବ। ଅନ୍ୟଥା ପ୍ରାକୃତିକ ବିପର୍ଯ୍ୟାୟର ସମ୍ମୁଖୀନ ହେବା ସାର ହେବ।

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା),**
**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

## ଶିନ୍ଦେଙ୍କ ପରେ ନିର୍ମଳାଙ୍କୁ କଟାକ୍ଷ କରି ଫସିଲେ

● ଦ୍ୱିତୀୟ ଥର ସମନ କଲା ମୁମ୍ବାଇ ପୋଲିସ



**ମୁମ୍ବାଇ,୨୭।୩:** ବିବାଦରେ ଥିବା ଷ୍ଟାଣ୍ଡଅପ୍ କମେଡିଆନ କୁଣାଲ କାମ୍ରା ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଟାର୍ଗେଟ କରି ନିଜର ଏକ ବ୍ୟଙ୍ଗାତ୍ମକ ଗୀତର ଭିଡିଓକୁ ଏକ୍ସ'ରେ ପୋଷ୍ଟ କରିଛନ୍ତି। ୧୯୮୭ ମସିହାର ସୁପରହିଟ ଫିଲ୍ମ 'ମିଷ୍ଟର ଇଣ୍ଡିଆ' ପ୍ରସିଦ୍ଧ ଗୀତ 'ହୱା ହୱାଇ'ର ତାଳେ ତାଳେ ସେ ମୁଦ୍ରାସ୍ଫୀତି ଓ ଗୁଡ୍ସ ଆଣ୍ଡ ସର୍ଭିସ ଟାକ୍ସ (ଜିଏସଟି) କୁ ପ୍ରସଙ୍ଗ କରି ନିର୍ମଳାଙ୍କୁ ପରିହାସ କରିଛନ୍ତି। ଗୀତରେ କୁଣାଲ ନିର୍ମଳାଙ୍କୁ ଟାର୍ଗେଟ କରି 'ଶାଢ଼ିବାଲି ଦିଦି' କହିଛନ୍ତି। ମୁମ୍ବାଇର ହାବିଟାଟ୍ ଷ୍ଟୁଡିଓରେ ପ୍ରାୟ ମାସେ ତଳେ କାମ୍ରାଙ୍କ ଏହି ଭିଡିଓ ରେକର୍ଡ ହୋଇଥିବା ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଉଛି। ତେବେ ଶିନ୍ଦେଙ୍କ କାମ୍ରାଙ୍କର ବ୍ୟଙ୍ଗ ନେଇ ଶିବସେନା ବିଧାୟକ ମୁର୍ଜି ପଟେଲଙ୍କର ଅଭିଯୋଗ ଆଧାରରେ ରୁଜୁ ହୋଇଥିବା ମାମଲାକୁ କେନ୍ଦ୍ର କରି ମୁମ୍ବାଇ ପୋଲିସ ମଙ୍ଗଳବାର କାମ୍ରାଙ୍କୁ ସମନ କରିଥିଲା। ତେବେ ପୋଲିସ ସମ୍ମୁଖରେ ହାଜର ହେବାକୁ କାମ୍ରା ସପ୍ତାହେ ସମୟ ମାଗିଥିଲେ। ତେବେ ବୁଧବାର ମୁମ୍ବାଇ ପୋଲିସ କାମ୍ରାଙ୍କ ଉକ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ସହ ତାଙ୍କୁ ଦ୍ୱିତୀୟ ଥର ପାଇଁ ସମନ କରିଛି। ତେବେ ଯେଉଁ ଭିଡିଓରେ କୁଣାଲ ଶିନ୍ଦେଙ୍କୁ ଟାର୍ଗେଟ କରିଥିଲେ। ଉକ୍ତ ଭିଡିଓ ପାଇଁ ତାଙ୍କୁ କପିରାଇଟ ଉଲ୍ଲଂଘନର ନୋଟିସ ମିଳିଛି। ମ୍ୟୁଜିକ କମ୍ପାନୀ ଟି-ସିରିଜ୍ ପକ୍ଷରୁ ୟୁଟ୍ୟୁବ୍ ନିକଟରେ ଉକ୍ତ ଭିଡିଓକୁ ରିପୋର୍ଟ କରାଯାଇଛି। ଏନେଇ କୁଣାଲ ଏକ୍ସ'ରେ ଟି-ସିରିଜ୍‌କୁ ଟ୍ୟାଗ୍ କରି ଅସନ୍ତୋଷ ପ୍ରକାଶ କରିଛନ୍ତି।

## ପପୁ ଯାଦବଙ୍କ କ୍ଲାସ ନେଲେ ଓମ ବିର୍ଲା

**ନୂଆଦିଲ୍ଲୀ,୨୭।୩:** ଲୋକ ସଭା ବାଚସ୍ପତି ଓମ ବିର୍ଲା ଗୁରୁବାର (୨୭ ମାର୍ଚ୍ଚ, ୨୦୨୫) ପୁଣି ଥରେ ଗୃହ ଭିତରେ ଶିଷ୍ଟାଚାର ଉପରେ ପାଠ ପଢ଼ାଇଛନ୍ତି। ଲୋକ ସଭା କାର୍ଯ୍ୟକାଳ ମଧ୍ୟରେ କେନ୍ଦ୍ରମନ୍ତ୍ରୀଙ୍କ କାନ୍ଧରେ ହାତ ରଖିବା ପାଇଁ ସ୍ୱାଧୀନ ଏମି ପପୁ ଯାଦବଙ୍କୁ ବାଚସ୍ପତି ଚେତାବନୀ ଦେଇଛନ୍ତି। ପପୁ ଯାଦବ ଗୃହରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁଙ୍କ ପାଖରେ ବସିଥିଲେ। ଏହି ସମୟରେ, ଦୁଇ ନେତାଙ୍କ ମଧ୍ୟରେ ହସ ଏବଂ ଥଟ୍ଟା ହୋଇଥିଲା, ତା'ପରେ ପପୁ ଯାଦବ କେନ୍ଦ୍ରମନ୍ତ୍ରୀଙ୍କ କାନ୍ଧରେ ହାତ ରଖିଥିଲେ। କୁହାଯାଉଛି ଯେ ପପୁ ଯାଦବ ତାଙ୍କ ସଂସଦୀୟ କ୍ଷେତ୍ର ପୂର୍ଣ୍ଣିଆରେ ବିମାନବନ୍ଦର ବିଷୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ କଥା ହେଉଥିଲେ। ଏହା ପୂର୍ବରୁ ବୁଧବାର (୨୬ ମାର୍ଚ୍ଚ, ୨୦୨୫) ଲୋକ ସଭା ବାଚସ୍ପତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଗୃହର ନିୟମ ଏବଂ ପରମ୍ପରା ଅନୁଯାୟୀ ଆଚରଣ କରିବାକୁ କହିଥିଲେ। ସେ କହିଥିଲେ, 'ପିତା-ଝିଅ, ମା'-ଝିଅ ଏବଂ ସ୍ୱାମୀ-ସ୍ତ୍ରୀ ଏହି ଗୃହର ସଦସ୍ୟ ରହିଆସିଛନ୍ତି। ଏହି ପରିପ୍ରେକ୍ଷୀରେ, ବିରୋଧୀ ଦଳ ନେତା ନିୟମ ୩୪୯ ଅନୁଯାୟୀ ଗୃହରେ ନିଜକୁ ଆଚରଣ କରିବା ଆଶା କରାଯାଏ।' ବାଚସ୍ପତି ଓମ ବିର୍ଲା କହିଛନ୍ତି ଯେ ବିରୋଧୀ ଦଳ ନେତା ବିଶେଷକରି ଗୃହରେ (ଉପଯୁକ୍ତ) ଆଚରଣ ବଜାୟ ରଖିବା ଆଶା କରାଯାଏ। ସେ କହିଥିଲେ, 'ଏପରି ଅନେକ ଘଟଣା ମୋ ଦୃଷ୍ଟିକୁ ଆସିଛି ଯେ ସଦସ୍ୟମାନଙ୍କର ଆଚରଣ ଗୃହର ଉଚ୍ଚ ପରମ୍ପରା ଏବଂ ମାନଦଣ୍ଡ ଅନୁଯାୟୀ ନୁହେଁ।' ଯେତେବେଳେ ଲୋକ ସଭା ବାଚସ୍ପତି ଏହି ମନ୍ତବ୍ୟ ଦେଇଥିଲେ, ସେତେବେଳେ ରାହୁଲ ଗାନ୍ଧୀ ମଧ୍ୟ ଗୃହରେ ଉପସ୍ଥିତ ଥିଲେ।

## ବିଜେପିକୁ ଟାର୍ଗେଟ କଲେ ଆପ୍ ସାଂସଦ 'ସାହସ ଅଛି ଯଦି କେଜିଏଫ ବନ୍ଦ କର'



**ନୂଆଦିଲ୍ଲୀ,୨୭।୩:** ଦିଲ୍ଲୀର ବିଜେପି ବିଧାୟକମାନେ ନବରାତ୍ରି ସମୟରେ ମାଂସ ଦୋକାନ ବନ୍ଦ ରଖିବାକୁ ଦାବି କରିଛନ୍ତି। ଏହା ଉପରେ ପ୍ରତିକ୍ରିୟା ଦେଇଛନ୍ତି ଆପ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ। ସେ କହିଛନ୍ତି ଯେ, ଯଦି ବିଜେପି ନେତାଙ୍କର ସାହସ ଅଛି, ତେବେ ସେମାନେ କେଜିଏଫ ବନ୍ଦ କରିଦେବା ଉଚିତ। ବିଜେପି ନେତାଙ୍କର ମଧ୍ୟ ରେଷ୍ଟୁରାଣ୍ଟ ଅଛି ଯେଉଁଠାରେ ମାଂସ, କୁକୁଡ଼ା ଇତ୍ୟାଦି ଉପଲବ୍ଧ। ସେଗୁଡିକ ବନ୍ଦ ହେବ, ନା କେବଳ ଗରିବ ଲୋକର ଗାଡି ଭାଙ୍ଗି ସାହସ ଦେଖାଇବ ବୋଲି ସେ ପ୍ରଶ୍ନ କରିଛନ୍ତି। ଆପ ସାଂସଦ କହିଛନ୍ତି ଯେ, ଦିଲ୍ଲୀ ଦେଶର ରାଜଧାନୀ । ବିଶ୍ୱର ସମସ୍ତ ଦେଶର ଲୋକ ଏଠାରେ ବାସ କରନ୍ତି। ଏଠାରେ ସବୁ ବର୍ଗର ଲୋକ ରୁହନ୍ତି । ବିଶ୍ୱର ବିଭିନ୍ନ ପ୍ରାନ୍ତର ଲୋକମାନେ ଏଠାକୁ ଆସନ୍ତି । ଏଠାରେ ବିଭିନ୍ନ ରାଜ୍ୟର ଅତିଥି ଭବନ ଅଛି । ନବରାତ୍ରିରେ ମଦ କାହିଁକି ନିଷେଧ କରାଯିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ସୌଗତ-ଏ-ମୋଦୀ କିଟ୍ ବିଷୟରେ ସେ କହିଛନ୍ତି, 'ଯୋଗୀ ଜୀ ଦୁଇ-ଚାରୋଟି କିଟ୍ ମଧ୍ୟ ବାଣ୍ଟିବେ । ନଡ୍ଡା ସାହେବ ମଧ୍ୟ ସେଗୁଡ଼ିକୁ ବାଣ୍ଟିବେ। ଆରଏସଏସ କର୍ମୀମାନେ ମଧ୍ୟ କିଟ୍ ବାଣ୍ଟିବେ। ମୋଦି ଜୀ ସୌଗତ-ଏ-ମୋଦୀ ଜାରି କରିଛନ୍ତି। ତା'ପରେ, ବିଜେପି ଲୋକମାନେ କହୁଛନ୍ତି ଯେ, ଏହିପରି ନମାଜ ପାଠ କରାଯିବ ନାହିଁ, ଏହିପରି ପୂଜା କରାଯିବ ନାହିଁ, ମାଂସ ଦୋକାନ ବନ୍ଦ କରାଯିବା ଉଚିତ।' ସଞ୍ଜୟ ସିଂହ କହିଛନ୍ତି, ଏହା ରମଜାନର ମାସ ଏବଂ ନବରାତ୍ରିର ମାସ ମଧ୍ୟ। ଦିଲ୍ଲୀରେ ନବରାତ୍ରି ସମୟରେ ମଦ ଦୋକାନ ବନ୍ଦ କରନ୍ତୁ। ବିଜେପି ନେତାମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ମୁସଲିମ ଭାଇମାନଙ୍କ ସହିତ ଆର୍ଆର୍ଏସ୍ ଇଫତାର ପାର୍ଟି ଆୟୋଜନ କରୁଛି । ଏହା ବ୍ୟତୀତ, ୟୁପିରେ ଗୋଟିଏ ମାଗଣା ମଦ ବୋତଲ ବିଷୟରେ କହି ଆପ ସାଂସଦ ସଞ୍ଜୟ ସିଂହ କହିଛନ୍ତି, ଯେତେବେଳେ ଆମ ସରକାର ଦିଲ୍ଲୀରେ ଏହାକୁ ବନ୍ଦ କରିଦେଲେ, ସେତେବେଳେ ଆମ ବିରୋଧରେ ମିଥ୍ୟା ଅଭିଯୋଗ ଲଗାଗଲା। ଇଡି ଏବଂ ସିବିଆଇ ସମେତ ସମସ୍ତ ତଦନ୍ତକାରୀ ସଂସ୍ଥାଙ୍କୁ ଲଗାଇ ମାମଲା ରୁଜୁ କରାଗଲା। ଆମ ଆଦମୀ ପାର୍ଟି ୨୯ ମାର୍ଚ୍ଚରେ ୟୁପିର ସମସ୍ତ ଜିଲ୍ଲାରେ ପ୍ରତିବାଦ କରିବ। ଆମେ ବିଜେପିର ଏହି 'ମଦ ଦୁର୍ନୀତି' ବିରୋଧରେ ପ୍ରତିବାଦ କରିବୁ ବୋଲି ସଂଜୟ ସିଂହ କହିଛନ୍ତି।

## ଖୁବ୍ ଶୀଘ୍ର ପୁଟିନଙ୍କ ମୃତ୍ୟୁ ହେବ: ଜେଲେନସ୍କି



**କ୍ୱିଭ୍,୨୭।୩:** ରୁଷିଆ ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଏବେ ୟୁକ୍ରେନର ରାଷ୍ଟ୍ରପତି ମଧ୍ୟ ତାଙ୍କ ସମ୍ପର୍କରେ ଏକ ନୂତନ ଦାବି କରିଛନ୍ତି। ରୁଷିଆ ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ନେଇ ଚାଲିଥିବା କଳ୍ପନାଜଳ୍ପନା ମଧ୍ୟରେ ୟୁକ୍ରେନୀୟ ରାଷ୍ଟ୍ରପତି ଭ୍ଲାଡିମିର ଜେଲେନସ୍କି କହିଛନ୍ତି, "ଭ୍ଲାଦିମିର ପୁଟିନ ଶୀଘ୍ର ମୃତ୍ୟୁବରଣ କରିବେ"। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୁଟିନଙ୍କ ଶୀଘ୍ର ମୃତ୍ୟୁ ଏକ ତଥ୍ୟ। ମଙ୍ଗଳବାର ଆମେରିକା ନେତୃତ୍ୱାଧୀନ କୃଷ୍ଣସାଗର ଅସ୍ତ୍ରବିରତି ଚୁକ୍ତିନାମା ପରେ ଶାନ୍ତି ସମ୍ପର୍କରେ ଆଲୋଚନା କରିବା ପାଇଁ ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ଭେଟିଥିଲେ। ଯେପର୍ଯ୍ୟନ୍ତ ପୁଟିନ କ୍ଷମତାରେ ରହିବେ, ସେପର୍ଯ୍ୟନ୍ତ ଆମେରିକା ରୁଷିଆର ପ୍ରତାରଣା ବିରୁଦ୍ଧରେ ନିଜର ଦୃଢ଼ ସଂକଳ୍ପ ବଜାୟ ରଖିବାକୁ ଜେଲେନସ୍କି ଅନୁରୋଧ କରିଛନ୍ତି। ଏହି ଚୁକ୍ତିନାମା ଉପରେ ଆଲୋଚନା କରିବା ପାଇଁ ଏକ ମିଡିଆ ଶୋ'ରେ ଥିଲେ, ଯେଉଁଥିରେ ସେ ପୁଟିନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ମନ୍ତବ୍ୟ ଦେଇଥିଲେ।

### ଗାଜାରେ ୪ ପିଲାଙ୍କ ସହ ଗୋଟିଏ ପରିବାରର ୬ ସଦସ୍ୟ ମୃତ୍ୟୁ

# ଇସ୍ରାଏଲର ଜୋରଦାର ଆକ୍ରମଣ



**ନୂଆଦିଲ୍ଲୀ,୨୭।୩:** ଗାଜା ପଛିରେ ଇସ୍ରାଏଲୀୟ ହମଲା ଜାରି ରହିଛି। ସଦ୍ୟ ହମଲାରେ ଗୋଟିଏ ହିଁ ପରିବାରର ୬ ଜଣ ସଦସ୍ୟ ଓ ହମାସ ପ୍ରବକ୍ତାଙ୍କର ମୃତ୍ୟୁ ହୋଇଛି। ବୁଧବାର ରାତିରୁ ଗୁରୁବାର ଯାଏ ହମଲାରେ ଉତ୍ତର ଗାଜାରେ ଜବାଲିଆ ଅଞ୍ଚଳରେ ଏକ ତମ୍ବୁରେ ରହୁଥିବା ଅବଦୁଲ - ଲତିଫ୍ ଅଲ-କାନୌଆଙ୍କୁ ଟାର୍ଗେଟ୍ କରାଯାଇଛି, ଯେଉଁଥିରେ ତାଙ୍କର ମୃତ୍ୟୁ ହୋଇଛି। ଏହି ବିଷୟରେ ହମାସର ଆଉ ଜଣେ ଅଧିକାରୀ ବାସମ୍ ନାଇମ୍ ସୂଚନା ଦେଇଛନ୍ତି। ଗାଜା ସିଟି ନିକଟରେ ହୋଇଥିବା ଆଉ ଏକ ହମଲାରେ ୪ ପିଲା ଓ ତାଙ୍କର ମାତାପିତାଙ୍କ ମୃତ୍ୟୁ ହୋଇଛି। ଏହି ବିଷୟରେ ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜରୁରୀକାଳୀନ ସେବା କହିଛି। ଇସ୍ରାଏଲ ଗତ ସପ୍ତାହରେ ହମାସ ସହ ଯୁଦ୍ଧ ବିରାମ ଶେଷ କରି ଦେଇଥିଲା ଏବଂ ସିରିଜ୍ ଆକ୍ରମଣ ଆରମ୍ଭ କରି ଥିଲା। ଏହି ହମଲାରେ ଶହ ଶହ ପାଲେଷ୍ଟାଇନ୍‌ଙ୍କ ମୃତ୍ୟୁ ହୋଇଛି। ଇସ୍ରାଏଲ ସେପର୍ଯ୍ୟନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ସଙ୍କଳ୍ପ ନେଇଛି, ଯେପର୍ଯ୍ୟନ୍ତ ହମାସ ତାର ଅବଶିଷ୍ଟ ୫୯ବନ୍ଧକଙ୍କୁ ଛାଡ଼ି ନାହିଁ ,ଯେଉଁଥିରେ ୨୪ଜଣ ବନ୍ଧକଙ୍କ ଜୀବିତ ରହିବାର ଅନୁମାନ କରାଯାଉଛି। ଗାଜା ସହରର କିଛି ସ୍ଥାନକୁ ଖାଲି କରିବାକୁ ନିର୍ଦ୍ଦେଶ - ଇସ୍ରାଏଲୀୟ ସେନା ହମାସ ବିରୋଧରେ ହମଲା ଜୋରସୋର କରି, ବୁଧବାର ଗାଜା ସହରର କିଛି ଭାଗକୁ ଖାଲି କରିବାର ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶ ଜିତୁନ, ତେଲ ଅଲ-ହୱା ଓ ଅନ୍ୟ ଅଞ୍ଚଳରେ ଲାଗୁ ହୋଇଥାଏ , ଯେଉଁଠି ଇସ୍ରାଏଲୀୟ ସେନା ୧୭ ମାସର ଯୁଦ୍ଧ ବେଳେ ବଡ଼ ସ୍ତରରେ ହମଲା କରିଛି। ସେନା କହିଛି ଯେ, ଏହି କ୍ଷେତ୍ରରେ ମାଡ଼ କରାଯାଇ ଥିବା ରକେଟ୍‌ର ଜବାବରେ ସେ ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବ ଏବଂ ନିବାସୀଙ୍କୁ ଦକ୍ଷିଣ ଆଡ଼କୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ହମାସକୁ ଅସ୍ତ୍ରଶସ୍ତ୍ର ଛାଡ଼ିବା ଓ ନିଜ ନେତାଙ୍କୁ ନିର୍ବାସିତ କରିବାକୁ ମଧ୍ୟ ଇସ୍ରାଏଲ କହିଛି। ସେପଟେ, ହମାସ ଜବାବରେ କହିଛି ଯେ, ସେ ଏକ ସ୍ଥାୟୀ ଯୁଦ୍ଧ ବିରାମ ଓ ଗାଜାରୁ ଇସ୍ରାଏଲ୍ ଫୋର୍ସର ପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ ବିନା ଅବଶିଷ୍ଟ ବନ୍ଧକଙ୍କୁ ମୁକ୍ତ କରିବ ନାହିଁ।

## ଲୋହିତ ସାଗରରେ ବୁଡ଼ିଗଲା ସିଣ୍ଡବାଡ୍

### ୬ ଗବେଷକଙ୍କ ମୃତ୍ୟୁ, ୯ ଆହତ




**ଇଜିପ୍ଟ,୨୭।୩:** ଗୁରୁବାର ଇଜିପ୍ଟର ଲୋହିତ ସାଗରର ହୁରଘାଡା ସହର ଉପକୂଳରେ ଏକ ବୁଡ଼ାଜାହାଜ ବୁଡ଼ି ଯାଇଛି। ଏହି ଭୟଙ୍କର ଘଟଣାରେ ଅତି କମ୍‌ରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଏହି ଘଟଣା ପରେ ପ୍ରାୟ ୨୯ ଜଣଙ୍କୁ ଉଦ୍ଧାର କରାଯାଇଛି ଏବଂ ୪ ଜଣ ଗୁରୁତରଙ୍କ ସମେତ ଅନ୍ୟ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଶରର ହୁରଘାଡା ସହର ଉପକୂଳରେ ବୁଡ଼ିଯାଇଥିବା ଏହି ପର୍ଯ୍ୟଟନ ବୁଡ଼ାଜାହାଜର ନାମ ସିନ୍ଦବାଦ। ଗୁରୁବାର ସକାଳେ ସମୁଦ୍ର କୂଳରେ ଥିବା ବନ୍ଦର ନିକଟରେ ବୁଡ଼ି ଯାଇଥିବା ଏହି ବୁଡ଼ାଜାହାଜରେ ପ୍ରାୟ ୪୪ ଜଣ ଯାତ୍ରୀ ଥିଲେ। ରିପୋର୍ଟ ଅନୁଯାୟୀ, ଆହତମାନଙ୍କୁ ଡାକ୍ତରଖାନା ନେବା ପାଇଁ ଘଟଣାସ୍ଥଳକୁ ୨୧ଟି ଆମ୍ବୁଲାନ୍ସ ପଠାଯାଇଥିଲା। ସିନ୍ଦବାଦ ଜାହାଜରେ ମୋଟ୍ ୪୪ ଜଣ ଯାତ୍ରୀ ଥିଲେ, ଯେଉଁମାନେ ବିଭିନ୍ନ ଦେଶର ନାଗରିକ ଥିଲେ, ଯେଉଁମାନେ ମିଶରର ଲୋହିତ ସାଗରର ଗଭୀରତାରେ ପ୍ରବାଳ ରୀଫ ଏବଂ ଉଷ୍ଣକଟିବନ୍ଧୀୟ ମାଛ ଅନୁସନ୍ଧାନ କରିବାକୁ ଯାଇଥିଲେ। ଏହି ପର୍ଯ୍ୟଟନ ବୁଡ଼ାଜାହାଜ ସମୁଦ୍ରରେ ୭୨ ଫୁଟ ଗଭୀରତା ପର୍ଯ୍ୟନ୍ତ ଯାଇପାରିବ, କିନ୍ତୁ କୌଣସି ଅଜଣା କାରଣରୁ ଏହା ବୁଡ଼ିଗଲା। ତଥାପି, ଏହି ବୁଡ଼ାଜାହାଜ ବୁଡ଼ିବାର କାରଣ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ତଦନ୍ତ ଜାରିରହିଛି।

## ପୁଣି ଚର୍ଚ୍ଚାରେ ଷ୍ଟାଲିନ ; ଯୋଗୀଙ୍କୁ କଲେ ଟାର୍ଗେଟ

**ନୂଆଦିଲ୍ଲୀ,୨୭।୩:** ପୁଣି ଚର୍ଚ୍ଚାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ। ସେ ଗୁରୁବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ତ୍ରିଭାଷା ନୀତି ପାଇଁ ସମାଲୋଚନା କରିଛନ୍ତି। ଷ୍ଟାଲିନଙ୍କ ଦ୍ୱିଭାଷି ନୀତି ଓ ସୀମା ନିର୍ଦ୍ଧାରଣ ନୀତିକୁ ଯୋଗୀ ସମାଲୋଚନା କରିବା ପରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ଷ୍ଟାଲିନ କହିଛନ୍ତି ଯେ ତାମିଲନାଡୁର ଦୁଇ ଭାଷା ନୀତି (ତାମିଲ ଓ ଇଂରାଜୀ) ଏବଂ ନ୍ୟାୟପୂର୍ଣ୍ଣ ସୀମାନିର୍ଦ୍ଧାରଣ ପାଇଁ ଦୃଢ଼ କଣ୍ଠସ୍ୱର ସାରା ଦେଶରେ ପ୍ରତିଧ୍ୱନି କରୁଛି। ଯାହା ଭାରତୀୟ ଜନତା ପାର୍ଟି (ବିଜେପି) କୁ ସ୍ପଷ୍ଟ ରୂପେ ବିଚଳିତ କରିଛି। ଏକ ସାକ୍ଷାତକାରରେ ଯୋଗୀ ଆଦିତ୍ୟନାଥ କହିଥିଲେ ଯେ ଷ୍ଟାଲିନ ଭାଷା ଓ ଅଞ୍ଚଳ ଆଧାରରେ ବିଭେଦ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ଏହାର ଉତ୍ତରରେ ଷ୍ଟାଲିନ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ ସେୟାର କରିଛନ୍ତି।

### ଇମିଗ୍ରେସନ୍ ବିଲ୍ ପାସ୍

## ଧର୍ମଶାଳା ନୁହେଁ ଭାରତ: ଶାହ



**ନୂଆଦିଲ୍ଲୀ,୨୭।୩:** ସଂସଦର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଜାରି ରହିଛି। ଏହାରି ମଧ୍ୟରେ ଗୁରୁବାର ଆପ୍ରବାସନ ବିଲ୍ ଲୋକସଭାରେ ପାରିତ ହୋଇଛି । ଅନୁପ୍ରବେଶ ଏବଂ ଅବୈଧ ପ୍ରବାସୀଙ୍କୁ ରୋକିବା ଲକ୍ଷ୍ୟରେ ଅଣାଯାଇଥିବା ଏହି ବିଲର ନାମ ହେଉଛି ଇମିଗ୍ରେସନ୍ ଆଣ୍ଡ ଫରେନ ବିଲ୍ ୨୦୨୫। ବିକାଶ ଚାହୁଁଥିବା ଲୋକଙ୍କୁ ଭାରତରେ ସ୍ୱାଗତ: ଅମିତ ଶାହ ଏହି ବିଲ୍‌ର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରି ଗୃହମନ୍ତ୍ରୀ ଲୋକସଭାରେ କହିଛନ୍ତି ଯେ, ଭାରତର ବିକାଶ ପାଇଁ ଆସୁଥିବା ପ୍ରବାସୀମାନଙ୍କୁ ଆମେ ସ୍ୱାଗତ କରୁଛୁ। ଶିକ୍ଷା, ବ୍ୟବସାୟ ଏବଂ ଗବେଷଣା ପାଇଁ ଦେଶକୁ ଆସୁଥିବା ଲୋକଙ୍କୁ ଆମେ ସ୍ୱାଗତ କରୁ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲକ୍ଷ୍ୟ ହେଉଛି ଆମ ଦେଶ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଛି। ସେଥିପାଇଁ ଆମେ ଅନେକ ପୁରୁଣା ଆଇନକୁ ଉଚ୍ଛେଦ କରିଛୁ। ସୀମା ଭିତରକୁ କିଏ ପ୍ରବେଶ କରୁଛି ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ: ଅମିତ ଶାହ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି, 'ପ୍ରବାସନ ଏକ ପୃଥକ ପ୍ରସଙ୍ଗ ନୁହେଁ। ଦେଶର ଅନେକ ପ୍ରସଙ୍ଗ ଏହା ସହିତ ଜଡିତ। ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ, ଦେଶର ସୀମାରେ କିଏ ପ୍ରବେଶ କରେ ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଦେଶର ସୁରକ୍ଷାକୁ ବିପଦରେ ପକାଇଥିବା ଲୋକଙ୍କ ଉପରେ ମଧ୍ୟ କଡ଼ା ନଜର ରଖିଛୁ।' ଅମିତ ଶାହ ଆହୁରି କହିଛନ୍ତି, '୧୦ ବର୍ଷ ମଧ୍ୟରେ ଆମର ଅର୍ଥନୀତି ୧୧ ନମ୍ବରରୁ ୫ ନମ୍ବରରେ ପହଞ୍ଚିଛି। ଭାରତ ସମଗ୍ର ବିଶ୍ୱର ଅର୍ଥନୀତି ତାଲିକାରେ ଏକ ଉଜ୍ଜ୍ୱଳ ସ୍ଥାନ ଭାବରେ ଉଭା ହୋଇଛି। ଭାରତ ଉତ୍ପାଦନର ଏକ କେନ୍ଦ୍ର ହେବାକୁ ଯାଉଛି। ଏପରି ପରିସ୍ଥିତିରେ, ସାରା ବିଶ୍ୱରୁ ଲୋକମାନେ ଏଠାକୁ ଆସିବା ବହୁତ ସ୍ୱାଭାବିକ।' କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଗୁରୁବାର (୨୭ ମାର୍ଚ୍ଚ, ୨୦୨୫) ଲୋକସଭାରେ ଆପ୍ରବାସ ଏବଂ ବିଦେଶ ବିଲ୍ ୨୦୨୫ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଦେଶର ସୁରକ୍ଷା ପାଇଁ, ଆମ ଦେଶକୁ କିଏ ଏବଂ କେତେ ସମୟ ପାଇଁ ଆସନ୍ତି ତାହା ଜାଣିବାର ଅଧିକାର ଅଛି। ଏହି ଦେଶ କୌଣସି ଧର୍ମଶାଳା ନୁହେଁ ଯେଉଁଠାରେ ଯେକେହି ଯେତେବେଳେ ଚାହିଁବେ ଏବଂ ଯେକୌଣସି ଉଦ୍ଦେଶ୍ୟରେ ରହିପାରିବେ।

### ତାଇୱାନକୁ ସ୍ୱାଧୀନ କରିବାକୁ ସହଯୋଗ କରୁଥିବା ଅଭିଯୋଗ

## ଚୀନ୍ ନାଗରିକଙ୍କୁ ମୃତ୍ୟୁଦଣ୍ଡ ଦେବେ ଜିନପିଙ୍ଗ୍ ସରକାର




**ନୂଆଦିଲ୍ଲୀ,୨୭।୩:** ଚୀନ୍ ବୁଧବାର ଏକ ଇ-ମେଲ୍ ଆଇଡି ଜାରି କରିଛି।ଏଥିରେ କିଛି ଚୀନ୍ ନାଗରିକଙ୍କ ନାମ ରହିଛି। ଅଭିଯୋଗ ହୋଇଛି ଯେ,ଏହି ଲୋକମାନେ ତାଇଓ୍ୱାନକୁ ସ୍ୱାଧୀନ ଭାବରେ ଦେଖିବାକୁ ସମର୍ଥନ ଜଣାଇଛନ୍ତି । କେବଳ ଏତିକି ନୁହେଁ ସ୍ୱାଧୀନ ଦେଖିବାକୁ ଚାହୁଁଥିବା ଲୋକଙ୍କ ବିଷୟରେ ସୂଚନା ଦେବାକୁ ମଧ୍ୟ କୁହାଯାଇଛି, ଯେଉଁମାନେ କି ଚୀନ୍ ବିରୋଧରେ କାମ କରୁଛନ୍ତି। ସିଜିଟିଏନ୍ ଅନୁଯାୟୀ, ଏପର୍ଯ୍ୟନ୍ତ ସେହି ମେଲ୍ ଆଇଡିରେ ୩୨୩ ଜଣଙ୍କ ନାମ ଆସିଛି। ଚୀନରେ ଦେଶଦ୍ରୋହର ଦଣ୍ଡ ହେଉଛି ମୃତ୍ୟୁ। ଏବେ ଏହି ଲୋକଙ୍କ ବିରୁଦ୍ଧରେ ତଦନ୍ତ କରାଯିବ। ଯଦି କେହି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇପାରେ। ଷ୍ଟେଟ୍ କାଉନସିଲ୍ ତାଇୱାନ ବ୍ୟାପାର କାର୍ଯ୍ୟାଳୟର ମୁଖପାତ୍ର ଚେନ୍ ବିନ୍‌ହୁଆ କହିଛନ୍ତି ଯେ, ରିପୋର୍ଟ କରାଯାଇଥିବା ଲୋକଙ୍କ ମଧ୍ୟରେ କିଛି ତାଇୱାନ ରାଜନୈତିକ ବ୍ୟକ୍ତି, ସଂଗଠନ ପ୍ରାୟୋଜକ ଓ 'ତାଇୱାନ ସ୍ୱାଧୀନତା' ପାଇଁ ସମର୍ଥନ କରୁଥିବା ଇଣ୍ଟରନେଟ୍ ପ୍ରଭାବଶାଳୀ ବ୍ୟକ୍ତି ସାମିଲ ଅଛନ୍ତି। ଚେନ୍ କହିଛନ୍ତି ଯେ ସମ୍ପୃକ୍ତ ଚୀନ୍ କର୍ତ୍ତୃପକ୍ଷ ତଥ୍ୟ ଏବଂ ଆଇନଗତ ମାନଦଣ୍ଡ ଉପରେ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଓ 'ତାଇୱାନ ସ୍ୱାଧୀନତା' କାର୍ଯ୍ୟକଳାପର ଅପରାଧୀ ଏବଂ ସହଯୋଗୀ ମାନଙ୍କୁ ଦାୟୀ କରିବେ। ତଦନ୍ତ ପରେ, ଯଦି ୩୨୩ ଜଣଙ୍କ ବିରୁଦ୍ଧରେ ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇପାରିବ। ସୂଚନାଥାଉକି,ଚୀନ୍ ଏବଂ ତାଇୱାନ ମଧ୍ୟରେ ଉତ୍ତେଜନା ଜାରି ରହିଛି। ଚୀନ୍ ତାଇୱାନକୁ ନିଜର ଅଂଶ ବୋଲି କହୁଛି, ଯେତେବେଳେ ତାଇୱାନ ନିଜକୁ ଏକ ପୃଥକ ଦେଶ ବୋଲି କହୁଛି । ତାଇୱାନ ଚୀନ୍ ଠାରୁ ସ୍ୱାଧୀନତା ପାଇଁ ନିରନ୍ତର ସଂଘର୍ଷ କରୁଛି। ବିଶ୍ୱର ଅଧିକାଂଶ ଦେଶ ତାଇୱାନକୁ ଚୀନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବିବେଚନା କରନ୍ତି। ସାମ୍ପ୍ରତିକ ସମୟରେ, ଚୀନ୍ ସହିତ ପ୍ରବଳ ଉତ୍ତେଜନା ଯୋଗୁଁ, ଆମେରିକା ତାଇୱାନ ସରକାରଙ୍କୁ ବହୁତ ସାହାଯ୍ୟ କରିଛି, ଯାହାକୁ ଚୀନ୍ ବିରୋଧ କରିଆସୁଛି।

## ଆତଙ୍କବାଦୀ-ସୁରକ୍ଷାକର୍ମୀ ମୁହାଁମୁହିଁ, ୨ ଯବାନ ଶହୀଦ, ୫ ଆହତ

**ଶ୍ରୀନଗର,୨୭।୩:** ଜମ୍ମୁ-କଶ୍ମୀରର କଠୁଆ ଜିଲାର ରାଜବାଗରେ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। କଠୁଆର ଜୁଥାନା ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏକ ଏନକାଉଣ୍ଟର ହୋଇଥିଲା। ଅନ୍ୟପକ୍ଷରେ, ରାଜବାଗ ଥାନା ଅନ୍ତର୍ଗତ ଜୁଥାନାର ଆମ୍ବା ନାଲରେ ୫ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଦେଖିବା ପରେ ସକାଳଠାରୁ ଏନକାଉଣ୍ଟର ଚାଲିଛି। ଏଠାରେ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ଏକ ବଡ଼ ଧରଣର ସର୍ଚ୍ଚ ଅପରେଶନ କରାଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଅପରେସନରେ ଏପର୍ଯ୍ୟନ୍ତ ପାଞ୍ଚ ଜଣ ସୁରକ୍ଷା କର୍ମୀ ଆହତ ହୋଇଥିବା ରିପୋର୍ଟ ହୋଇଛି, ସେମାନଙ୍କ ମଧ୍ୟରୁ ଜଣେ ସୁରକ୍ଷା କର୍ମୀ କଠୁଆ ଜିଏମସିରେ ଭର୍ତ୍ତି ହୋଇଛନ୍ତି, ଯେଉଁଠାରେ ତାଙ୍କର ଅପରେଶନ ଚାଲିଛି। ଅନ୍ୟ ଦୁଇଜଣଙ୍କୁ ଜମ୍ମୁ ଜିଏମସି ପଠାଯାଇଥିବା ବେଳେ, ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଛନ୍ତି। ଏହା ବ୍ୟତୀତ, ଏହି ଚାଲିଥିବା ଏନକାଉଣ୍ଟରରେ ଦୁଇ ଜଣ ସୁରକ୍ଷା କର୍ମୀ ଶହୀଦ ହୋଇଥିବା ଖବର ମଧ୍ୟ ରହିଛି। ତଥାପି, ଏହାକୁ ଏପର୍ଯ୍ୟନ୍ତ ସରକାରୀ ଭାବରେ ନିଶ୍ଚିତ କରାଯାଇ ନାହିଁ। ବର୍ତ୍ତମାନ ଏହି ଏନକାଉଣ୍ଟର ଯୋଗୁଁ କଠୁଆ ରେଳ ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ, ଗତ ୫ ଦିନ ଧରି କଠୁଆ ଜିଲାର ବିଭିନ୍ନ ସ୍ଥାନରେ ସନ୍ଦିଗ୍ଧ ଏବଂ ଆତଙ୍କବାଦୀଙ୍କ ଗୋଷ୍ଠୀ ଥିବା ଜଣାପଡିଥିଲା। କୌଣସି ଆକ୍ରମଣର ସମ୍ଭାବନାକୁ ଦୃଷ୍ଟିରେ ରଖି ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ଏଆଇ ବ୍ୟବହାର କରି ତିଆରି କଲେ ବିପଜ୍ଜନକ ଅସ୍ତ୍ର




**ସିଓଲ,୨୭।୩:** ଉତ୍ତର କୋରିଆର ନେତା କିମ ଜଙ୍ଗ ଉନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଏକ ଆତ୍ମଘାତୀ ଡ୍ରୋନର ପରୀକ୍ଷଣ ତଦାରଖ କରିଥିଲେ ଏବଂ କହିଛନ୍ତି ଯେ ଆଧୁନିକ ଅସ୍ତ୍ରଶସ୍ତ୍ର ବିକାଶରେ ମାନବହୀନ ନିୟନ୍ତ୍ରଣ ଏବଂ ଏଆଇ କ୍ଷମତା ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ। ସେ ନୂତନ ଉନ୍ନତ ଗୁଇନ୍ଦା ଡ୍ରୋନଗୁଡ଼ିକ ମଧ୍ୟ ନିରୀକ୍ଷଣ କରିଥିଲେ, ଯାହା ସ୍ଥଳ ଏବଂ ସମୁଦ୍ରରେ ବିଭିନ୍ନ ରଣନୈତିକ ଲକ୍ଷ୍ୟ ଏବଂ ଶତ୍ରୁ କାର୍ଯ୍ୟକଳାପକୁ ଚିହ୍ନଟ କରିବାରେ ସକ୍ଷମ। କିମ କହିଛନ୍ତି ଯେ ସଶସ୍ତ୍ର ବାହିନୀର ଆଧୁନିକୀକରଣରେ ମାନବହୀନ ବାୟୁ ଯାନ ଏବଂ କୃତ୍ରିମ ଶକ୍ତି କ୍ଷେତ୍ରକୁ ପ୍ରାଥମିକତା ଦିଆଯିବା ଉଚିତ। ଉତ୍ତର କୋରିଆ ପ୍ରଥମ ଥର ପାଇଁ ଏକ ପ୍ରାରମ୍ଭିକ ଚେତାବନୀ ବିମାନକୁ ମଧ୍ୟ ଆନୁଷ୍ଠାନିକ ଭାବରେ ଉନ୍ମୋଚନ କରିଛି। ଏହି କ୍ଷମତା ହିଁ ଏହାର ପୁରୁଣା ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଉନ୍ନତ କରିପାରିବ। ଉତ୍ତର କୋରିଆର ସରକାରୀ କୋରିଆନ ସେଣ୍ଟ୍ରାଲ ନ୍ୟୁଜ ଏଜେନ୍ସି ଦ୍ୱାରା ପ୍ରକାଶିତ ଫଟୋରେ କିମ ଏକ ବଡ଼ ଗୁପ୍ତଚର ଡ୍ରୋନ ଦେଖୁଥିବାର ଦେଖାଯାଇଛି।

### ଦକ୍ଷିଣ କୋରିଆରେ ଜଙ୍ଗଲ ନିଆଁ

## ଜଳିଗଲା ୩୦୦ ଘର, ୨୪ ମୃତ



**ସିଓଲ,୨୭।୩:** ଦକ୍ଷିଣ କୋରିଆର ଦକ୍ଷିଣ ଭାଗ ଜଙ୍ଗଲରେ ଲାଗିଥିବା ନିଆଁରେ ଅଦ୍ୟାବଧି ଅନ୍ୟୂନ ୨୪ ଜଣଙ୍କ ମୃତ୍ୟୁ ଘଟିଛି। ବନାଗ୍ନିରେ ୩୦୦ରୁ ଅଧିକ ଘର ଜଳିଯାଇଛି। ନିଆଁର ଭୟାବହତାକୁ ଦୃଷ୍ଟିରେ ରଖି ପ୍ରାୟ ୨୯,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବୁଧବାର ସେଠାକାର ଅଧିକାରୀମାନେ ସୂଚନା ଦେଇଛନ୍ତି। ନିଆଁ ଲିଭାଇବାକୁ ଯାଇଥିବା ଏକ ହେଲିକପ୍ଟର ଉଲ୍‌ସେଓଙ୍ଗ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ଥିବା ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ଅନ୍ୟ ସ୍ଥାନଗୁଡ଼ିକରେ ପ୍ରାଣ ହରାଇଥିବା ୩୦୦ରୁ ଊର୍ଦ୍ଧ୍ୱ ନାଗରିକଙ୍କ ବୟସ ୬୦ରୁ ୭୦ ବର୍ଷ ଭିତରେ ହେବ। ନ୍ୟାଶନାଲ ଫାୟାର ଏଜେନ୍ସି କହିଛି, ଅନ୍ୟୂନ ୨୬ ଜଣ ନିଆଁର ସଂସ୍ପର୍ଶରେ ଆସି ଆହତ ହୋଇଛନ୍ତି। ୬୧୮ ଶତାବ୍ଦୀରେ ନିର୍ମିତ ଏକ ପ୍ରାଚୀନ ବୌଦ୍ଧ ମନ୍ଦିର(ଗୌନ୍‌ସା ଟେମ୍ପଲ), ଘରଦ୍ୱାର, ଫ୍ୟାକ୍ଟ୍ରି ଆଦି ଜଳିଯାଇଛି। ୧୭,୭୫୨ ହେକ୍ଟର (୪୩,୮୬୬ ଏକର) ଜଙ୍ଗଲ ପାଉଁଶ ହୋଇଯାଇଥିବା ସରକାରଙ୍କ ଜରୁରୀ ପ୍ରଶମନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାରଠାରୁ ଲାଗିଥିବା ଏହି ଜଙ୍ଗଲ ନିଆଁକୁ ଦକ୍ଷିଣ କୋରିଆର କାର୍ଯ୍ୟକାରୀ ରାଷ୍ଟ୍ରପତି ହାନ୍ ଡ୍ୟୁକ୍-ସୁ ସବୁଠୁ ଭୟଙ୍କର ବୋଲି ଏକ ଟେଲିଭିଜନ୍ ସମ୍ବୋଧନରେ କହିଛନ୍ତି। ଏହି ଅଭୂତପୂର୍ବ ସଙ୍କଟ ରେକର୍ଡ ବୁକ୍‌ରେ ନୂଆ ଇତିହାସ ଲେଖୁଛି ବୋଲି ସେ କହିଛନ୍ତି। ଭୟାବହ ବନାଗ୍ନିକୁ ଆୟତ୍ତ କରିବା ପାଇଁ ୧୩୦ ହେଲିକପ୍ଟର ସହାୟତାରେ ୪,୬୫୦ ଅଗ୍ନିଶମ କର୍ମଚାରୀ, ସୈନ୍ୟ ଓ ଅନ୍ୟ ଯବାନମାନେ ନିୟୋଜିତ ହୋଇଛନ୍ତି।

● ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଘରୁ ଟଙ୍କା ମିଳିବା ଘଟଣା

## ତେଜିଲା ବିଚାରପତିଙ୍କ ବଦଳି ଦାବି

**ନୂଆଦିଲ୍ଲୀ,୨୭।୩:** ଜଷ୍ଟିସ ଯଶୋବନ୍ତ ବର୍ମାଙ୍କୁ ନେଇ ବିବାଦ ତେଜିବା ପରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କଲେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି(ସିଜେଆଇ) ସଞ୍ଜିବ ଖନ୍ନା। ବର୍ମାଙ୍କ ଘରେ ବିପୁଳ ପରିମାଣରେ ଟଙ୍କା ଜବତ ହେବା ପରେ ତାଙ୍କୁ କଲେଜିୟମ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିଥିଲା। ଏହାର ବିରୋଧ କରି ୫ଟି ବାର ଆସୋସିଏସନ ଗୁରୁବାର ସିଜେଆଇଙ୍କୁ ଭେଟିବାକୁ ଯାଇଥିଲେ। ତେବେ ସିଜେଆଇ ଖାନ୍ନା ଆଜି ବିଭିନ୍ନ ହାଇକୋର୍ଟ ବାର ଆସୋସିଏସନର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ସୂଚନା ମୁତାବକ, ଗତ ମାର୍ଚ୍ଚ ୧୪ରେ ଜଷ୍ଟିସ ବର୍ମାଙ୍କ ଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ଅଗ୍ନିକାଣ୍ଡ ଘଟିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବା ସମୟରେ ବାସଭବନରୁ ବହୁ ପରିମାଣର ନଗଦ ଟଙ୍କା ମିଳିଥିବା ରିପୋର୍ଟ ହୋଇଥିଲା। ଏହାପରେ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଅଲ୍ଲାହାବାଦ ହାଇକୋର୍ଟକୁ ସ୍ଥାନାନ୍ତରଣ ପାଇଁ ସୁପାରିଶ କରିଥିଲେ। ତେବେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛି ଯେ ଏହି ସ୍ଥାନାନ୍ତରଣ ନଗଦ ଉଦ୍ଧାର ଘଟଣା ସହ ସମ୍ପର୍କିତ ନୁହେଁ। ବରଂ ଏହା ସୁପ୍ରିମ କୋର୍ଟର ନିଜସ୍ୱ ନିଷ୍ପତ୍ତି। ଆଜିର ବୈଠକରେ ଅଲ୍ଲାହାବାଦ, କେରଳ, କର୍ଣ୍ଣାଟକ, ଗୁଜରାଟ ଏବଂ ଲକ୍ଷ୍ନୌ ବାର ଆସୋସିଏସନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଅଷ୍ଟମ ବାଟାଲିୟନରେ ଚାଲିଛି କି ହିଟଲର ଶାସନ ?

## ନ୍ୟାୟ ମାଗିବା ପରେ ବି କେହି ଗୁହାରି ଶୁଣୁନାହାନ୍ତି

**ବ୍ରହ୍ମପୁର, ୨୭।୩ (ସଂଚାର ବ୍ୟୁରୋ) :** ପୁଣି ଆଉ ଏକ ଭିଡ଼ିଓ ଜରିଆରେ ନିଜ ଅସହାୟତା ପ୍ରକାଶ କରିଛନ୍ତି ଛତ୍ରପୁର ଅଷ୍ଟମ ବାଟାଲିୟନର ସିପାହୀ କୃଷ୍ଣଚନ୍ଦ୍ର ପାତ୍ର। ଭାଇରଲ ହେଉଥିବା ଦ୍ୱିତୀୟ ଭିଡ଼ିଓରେ ସେ କମାଣ୍ଡାଣ୍ଟ୍ ଶାରଦା ପ୍ରସାଦ ଦାସଙ୍କ ବିରୋଧରେ ପୁଣି ବିଷ ଓଗାରିଛନ୍ତି।

- ପୁଣି କମାଣ୍ଡାଣ୍ଟ୍‌ଙ୍କ ବିରୋଧରେ ମୁହଁ ଖୋଲିଲେ ସିପାହୀ
- ପରିବାର ଲୋକଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ
- ଭାଇ ବିରୋଧରେ କହିବାକୁ ଭାଇକୁ ଧମକ୍ ସହ ଚାପ ପକାଯାଉଛି

ତାଙ୍କ ଅଭିଯୋଗ ପ୍ରକାରେ, ନ୍ୟାୟ ମାଗିବା ପରେ ବି ତାଙ୍କ କଥାକୁ କେହି ଶୁଣୁନାହାନ୍ତି କିମ୍ବା କମାଣ୍ଡାଣ୍ଟ୍‌ଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରିକି ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଟାର୍ଗେଟ୍ କରାଯାଉଛି। ତାଙ୍କ ଭାଇଙ୍କୁ ଧମକ୍ ଦିଆଯିବା ସହ ତାଙ୍କ ବିରୋଧରେ ଗଣମାଧ୍ୟମରେ କହିବାକୁ ଚାପ ସୃଷ୍ଟି କରାଯାଇଛି। ଏକାଧିକ ସିପାହୀଙ୍କୁ ସସପେଣ୍ଡ୍ କରି ମାନସିକ ସ୍ତରରେ ନିର୍ଯାତନା ଦିଆଯାଉଛି। ଯିଏ ଟଙ୍କା ଦେଉଛନ୍ତି ସିଏ ଶାନ୍ତିରେ ରହୁଛନ୍ତି, ଯିଏ ଦେଉନାହାନ୍ତି ତାଙ୍କୁ ହଇରାଣ କରାଯାଉଛି। ଯେଉଁ ସିପାହୀ ମାନଙ୍କ ଶରୀରରେ କିଛି ସମସ୍ୟା ଅଛି ସେମାନଙ୍କୁ ହେଡକ୍ୱାଟର୍ ଦେବା ବଦଳରେ ପ୍ଲାଟୁନରେ ଛଡ଼ାଯାଉଛି। କିଛି ସିପାହୀଙ୍କୁ ବ୍ୟକ୍ତିଗତ କାର୍ଯ୍ୟରେ



ବି ଲଗାଯାଇଛି। ଅନେକ ସିପାହୀ ବିନା ଟ୍ରେନିଂରେ କମାଣ୍ଡାଣ୍ଟ୍‌ଙ୍କ ଛତ୍ରଛାୟା ତଳେ ସୁରକ୍ଷିତ ରହିଛନ୍ତି। ଜାଣିଶୁଣି ଡ୍ୟୁଟି ଏବଂ ଛୁଟି ବଣ୍ଟନରେ ଦୁର୍ଗପତି ପକ୍ଷପାତିତା କରୁଛନ୍ତି। ଏପରିକି ଚାକିରୀ ନାରେ ସିପାହୀ ସଂଘ ସମ୍ପାଦକ ଟଙ୍କା ଠକେଇ କରିଥିବା ନେଇ ସେ ଭିଡ଼ିଓ ବାର୍ତ୍ତାରେ ଜଣାଇଛନ୍ତି।

ପୂର୍ବରୁ ମଧ୍ୟ କମାଣ୍ଡାଣ୍ଟ୍‌ଙ୍କ ବିରୋଧରେ ଏହି ସିପାହୀ ଜଣକ ସାମାଜିକ ଗଣମାଧ୍ୟମରେ ଭିଡିଓ କରି ମୁଖ୍ୟମନ୍ତ୍ରୀ, ପୁଲିସ୍ ଡିଜି ଏବଂ ଏଡିଜିଙ୍କୁ ନ୍ୟାୟ ମାଗିଥିଲେ। ହେଲେ ଦୀର୍ଘ ଦିନ ପରେ ବି ତାଙ୍କ ମାନସିକ ଯନ୍ତ୍ରଣାକୁ କେହି ବୁଝୁନଥିବା ସେ ପ୍ରକାଶ କରିଛନ୍ତି। ତେବେ ଭିଡ଼ିଓ ଜରିଆରେ ସିପାହୀଙ୍କ ଅଭିଯୋଗକୁ ପୂର୍ବରୁ ଖଣ୍ଡନ କରିଛନ୍ତି ଖୋଦ ଅଷ୍ଟମ ବାଟାଲିୟନର କମାଣ୍ଡାଣ୍ଟ୍ ଶାରଦା ପ୍ରସାଦ ଦାସ। ଏହାସହ ଏଥିରେ କୌଣସି ସତ୍ୟାସତ୍ୟ ନଥିବା ସିପାହୀ ସଂଘ ପକ୍ଷରୁ ବି କୁହାଯାଇଛି।

# ଅବ୍ୟବସ୍ଥାରେ ତାଳପଙ୍ଗା ଅଙ୍ଗନବାଡ଼ି କେନ୍ଦ୍ର

**କନ୍ଧମାଳ, ୨୭।୩ (ସଂଚାର ବ୍ୟୁରୋ) :** ଅଙ୍ଗନବାଡ଼ି ଛାତ୍ରଛାତ୍ରୀ ତଥା ଅଙ୍ଗନବାଡ଼ି କେନ୍ଦ୍ରର କୋମଳ ମତି ଶିଶୁ ମାନଙ୍କ ପାଇଁ ପାଚେରୀ, ପାନୀୟ ଜଳ, ବିଦ୍ୟୁତ୍, ରୋଷେଇ ଗୃହ ବ୍ୟବସ୍ଥା କରିଥିବା ବେଳେ ତାହା କେଉଁଠି କାର୍ଯ୍ୟକାରୀ ହେଉଛି ତ ଆଉ କେଉଁଠି ଆଜି ପର୍ଯ୍ୟନ୍ତ ସୁବିଧା ପହଞ୍ଚି ପାରିନାହିଁ। ଏମିତି ଅବ୍ୟବସ୍ଥାରେ ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ର ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ବାଲନ୍ଧାପଡ଼ା ପଞ୍ଚାୟତ ଅନ୍ତର୍ଗତ ତାଳପଙ୍ଗା ଅଙ୍ଗନବାଡ଼ି କେନ୍ଦ୍ରରେ।



ଏହି ତାଳପଙ୍ଗା ଆମ ଅଙ୍ଗନବାଡ଼ି କେନ୍ଦ୍ରରେ ସର୍ବ ମୋଟ ୨୫ ଜଣ କୋମଳ ମତି ଶିଶୁ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ।ତାଳପଙ୍ଗା ଗାଁ ରେ ସର୍ବ ମୋଟ ୪୫ ଘର ଅଛନ୍ତି। କିନ୍ତୁ ଆଜି ବି ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ପାଚେରୀ, ରୋଷେଇ ଗୃହ, ବିଦ୍ୟୁତ୍, ପାନୀୟ ଜଳ ନଥିବାରୁ ତାଳପଙ୍ଗା ଆମ ଅଙ୍ଗନବାଡ଼ି କେନ୍ଦ୍ରର କୋମଳ ମତି ଶିଶୁ ଛାତ୍ରଛାତ୍ରୀ ମାନେ ବହୁତ ଅସୁବିଧା ରୁ ସମ୍ମୁଖୀନ ହେଉଛନ୍ତି। ଅଙ୍ଗନବାଡ଼ି କର୍ମୀ ଙ୍କୁ ପଚାରିବାରୁ ଏଇଟା ରେ କୌଣସି ସୁବିଧା ନାହିଁ ବୋଲି କହିଛନ୍ତି।ବହୁଥର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦାବି କରି ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ ତାଳପଙ୍ଗା ଅଙ୍ଗନବାଡ଼ି କେନ୍ଦ୍ରରେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ ଦେଇ ତୁରନ୍ତ ପାଚେରୀ, ରୋଷେଇ ଗୃହ, ବିଦ୍ୟୁତ୍, ପାନୀୟ ଜଳ ସମସ୍ୟା କୁ ସମାଧାନ କରିବା ପାଇଁ ପ୍ରତାପ କୁମାର କହଁର,ଗୌରାଙ୍ଗ କହଁର , ନିରଞ୍ଜନ କହଁର, ଗଣେଶ କହଁର, ଗୁପ୍ତେଶ୍ୱର କହଁର,ସଂଙ୍କିତନ କହଁର, ପ୍ରଦିପ କହଁର,ଦେବଗଣ କହଁର, ଅର୍ଜୁନ କହଁର,ସଞ୍ଜିବନ କହଁର, ନର୍ତ୍ତମ କହଁର ସମେତ ଗ୍ରାମ ବାସି ଦାବି କରିଛନ୍ତି।

## ଦୋକାନରୁ ଲୁଟିନେଲେ ୨୦ହଜାର ଟଙ୍କାର ସାମଗ୍ରୀ

**ବାଲିଅନ୍ତା, ୨୭।୩ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅଧୀନ ଚଢେଇବର ଗ୍ରାମ ଛକ ସ୍ଥିତ ପ୍ରଭାତ କୁମାର ସାହୁଙ୍କ ଭେରାଇଟି ଷ୍ଟୋର କବଟ ତାଲା ଭାଙ୍ଗି ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ୩୦ ହଜାରଟଙ୍କାର ସାମଗ୍ରୀ ଲୁଟ ହୋଇଯାଇଛି । ଲୁଟ ସାମଗ୍ରୀ ମଧ୍ୟରେ ରହିଛି ୨ଟି ଗ୍ୟାସ ସିଲିଣ୍ଡର,୨ ଚୂଲା, ସାବୁନ, ପାନ ମସଲା ସମେତ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷପତ୍ର । ଏହାର ମୂଲ୍ୟ ୩୦ ହଜାର ଟଙ୍କାରୁ ଅଧିକ ହେବ । ଏହା ସହିତ କ୍ୟାସ ଡ୍ର ତାଲା ଭାଙ୍ଗି ୧୫ ଶହ ଟଙ୍କା ଏବଂ ରୋଷେଇ ସାମଗ୍ରୀ ଲୁଟି ନେଇଛନ୍ତି । ପ୍ରଭାତ ଏନେଇ ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ସୂଚନା ଅନୁସାରେ ପ୍ରଭାତ ସବୁଦିନ ଭଳି ଗତକାଲି ରାତି ୯ଟା ସମୟରେ ଦୋକାନ ବନ୍ଦ କରି ଘରକୁ ପଳାଇଥିଲେ । ଆଜି ସକାଳେ ଦୋକାନ ଖୋଲିବାକୁ ଆସି ଚୋରି ଯାଇଥିବା ଦେଖି ପୁଲିସକୁ ଜଣାଇଥିଲେ ।

## ବିଦ୍ୟାଭାରତୀରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**କୁଜଙ୍ଗ, ୨୭।୩ (ସଂଚାର ବ୍ୟୁରୋ) :** କୁଜଙ୍ଗ ବ୍ଲକ୍ ପଙ୍କପାଳ ସ୍ଥିତ ବିକେସିଏମ ମେମୋରିଆଲ ସ୍କୁଲ ବିଦ୍ୟାଭାରତୀ ଷଷ୍ଠ ଶ୍ରେଣୀର ଛାତ୍ର ୨୦୨୪-୨ ୫ବର୍ଷ ନବଦୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ସହ ଉତ୍ତୀର୍ଣ୍ଣ ହୋଇ ନିଜ ପାଇଁ ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ପଙ୍କପାଳ ନିବାସୀ ଧର୍ମାନନ୍ଦ ସାହୁ ଓ ଭାରତୀ ସାହୁଙ୍କ ଏହି ପୁଅ କେବଳ ପାଠ ନୁହେଁ କ୍ରୀଡା, ବକ୍ତୃତା,ଚିତ୍ରାଙ୍କନ ଓ ଅଭିନୟ ରେବି ନିଜର ପାରଦର୍ଶିତା ଦେଖାଇବା ସହ ପୂର୍ବରୁ ବହୁ ସମ୍ମାନ ର ଅଧକାରୀ ହୋଇ ଛନ୍ତି। ଏହି କୃତୀ ଛାତ୍ରଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ସୁନାକର ବିଶ୍ୱାଳଙ୍କ ପୌରହିତ୍ୟରେ ମନେଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର, ଶିକ୍ଷା କମିଟି ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ବରିଷ୍ଠ ଗୁରୁଜୀ ପ୍ରମୋଦ କୁମାର୍ ସ୍ୱାଇଁ ପୁଷ୍ପଗୁଚ୍ଛ ଓ ଅଙ୍ଗ ବସ୍ତ୍ର ଦେଇ ସମ୍ବର୍ଦ୍ଧନା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବିଦ୍ୟାଳୟ ଓ ଗୁରୁଜୀ ଗରୁମାଙ୍କ ପ୍ରେରଣା ଯୋଗୁଁ ଏହି ସଫଳତା ମିଳିଛି ବୋଲି ସମ୍ବର୍ଦ୍ଧନା ଉତ୍ତରରେ କୃତୀ ଛାତ୍ର ବରଦା କହୁଛନ୍ତି।

## ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

**ନୀଳଗିରି, ୨୭।୩ (ସଂଚାର ବ୍ୟୁରୋ) :** ଏକ ହତ୍ୟା ମାମଲାର ଶୁଣାଣି କରି ବାଲେଶ୍ୱର ସ୍ୱତନ୍ତ୍ର ଓ.ପି.ଆଇ.ଡି କୋର୍ଟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହିତ ୫ହଜାର ଟଙ୍କା ଜୋରିମାନା ପାଇଁ ରାୟ ଶୁଣାଇଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ଥାନା ଔପଦା ବ୍ଲକ୍ ପିଙ୍ଗ୍ଳାବଣିଆ ଗ୍ରାମର ଆସାମୀ ସମରେନ୍ଦ୍ର ମଲ୍ଲିକ ଉକ୍ତ ଗ୍ରାମର ବାଇଧର ବରସଲକୁ ଏକ ଜମିର ହିଡହଣା ଘଟଣାକୁ କେନ୍ଦ୍ରକରି ହତ୍ୟା କରିଥିଲା। ଏନେଇ ନୀଳଗିରି ଥାନାରେ ୨୦୨୨ ମସିହା ଜୁଲାଇ ୮ତାରିଖରେ ୨୨୧ନଂ କେସ ରୁଜୁ ହୋଇଥିଲା। ୧୫ଜଣ ସାକ୍ଷୀ ଏବଂ ୧୮ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ବାଲେଶ୍ୱର ମାନ୍ୟବର ସ୍ୱତନ୍ତ୍ର ଓପିଆଇଡି ଜଜ୍ ବିଶ୍ୱଜିତ୍ ଦାସ ଅଭିଯୁକ୍ତ ସମରେନ୍ଦ୍ର ମଲ୍ଲିକକୁ ଆଜୀବନ କାରାଦଣ୍ଡ ସହିତ ୫ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ ପଣ୍ଡା ମକଦ୍ଦମା ପରିଚାଳନା କରୁଥିବା ବେଳେ ନୀଳଗିରି ପୋଲିସ ପକ୍ଷରୁ ବିରଞ୍ଚି ସାହୁ ତଦନ୍ତକାରୀ ଅଫିସର ମାମଲାର ତଦନ୍ତ କରିଥିଲେ।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରଲ କରି ଦୁଇ ଗିରଫ

**କଳିଙ୍ଗନଗର, ୨୭।୩ (ସଂଚାର ବ୍ୟୁରୋ) :** ଜଣେ ଯୁବତୀଙ୍କର ଅଶ୍ଳୀଳ ଫଟୋ ଭାଇରଲ କରି ଦୁଇଜଣ ଯୁବକ ଗିରଫ ହୋଇଛନ୍ତି, ଖବର ମତେ ରାବଣା ଗାଁର ଶେଷଦେବ ନାଥଙ୍କର ଝିଅ ସୋନାଲି ନାଥ (୨୧) ବର୍ଷଙ୍କର ଅଭିଯୋଗ ମୁତାବକ ଟମକା ଥାନା ଅନ୍ତର୍ଗତ ଚିତ୍ରୀ ମାନପୁର ଗାଁର କୁଳମଣି ପାତ୍ରଙ୍କ ପୁଅ ରଞ୍ଜିତ ପାତ୍ର (୨୮) ଓ ଢେଙ୍କାନାଳ ଜିଲ୍ଲା ନିହାଲପ୍ରସାଦ ଥାନା ଅନ୍ତର୍ଗତ ପର୍ବତକଣି ଗାଁର ଯୋଗେନ୍ଦ୍ର ସାହୁଙ୍କ ପୁଅ ଦିଲ୍ଲୀପ କୁମାର ସାହୁ (୩୧) ତାଙ୍କ ଫଟୋକୁ ସାମାଜିକ ଗଣମାଧ୍ୟମରେ ଭାଇରଲ କରି ତାଙ୍କୁ ମାନସିକ ଯନ୍ତ୍ରଣା ଦେଉଥିଲେ। ୨୩ ତାରିଖରେ ଯଖପୁରା ଥାନାରେ ଅଭିଯୋଗ ହେଲା ପରେ ପୁଲିସ କେସ ନମ୍ବର ୯୯/୨୫ରେ ଆସାମୀ ମାନଙ୍କୁ

## ଟ୍ରକ ଚୋରି ଜଣେ ଗିରଫ

**କଳିଙ୍ଗନଗର, ୨୭।୩ (ସଂଚାର ବ୍ୟୁରୋ) :** କଳିଙ୍ଗନଗର ଥାନାରେ ଉତ୍କଳିନୀ ପେଟ୍ରୋଲ ପମ୍ପର ନିବେଦିତା ମହାନ୍ତି ଏକ ଲିଖିତ ଅଭିଯୋଗ କରିଥିଲେ କି ତାଙ୍କ ଟାଙ୍କିକୁ ଆସୁଥିବା ଏକ ତେଲ ଟାଙ୍କି ଟ୍ରକ ଓଡି୦୪ଜି-୫୭୪୬ ନମ୍ବରଟିକୁ ନୟାଗଡ ରଣପୁର ଅଞ୍ଚଳର ପ୍ରତ୍ୟୁଷ ରାଜଗୁରୁ (୨୯) କେଉଁଆଡେ ଚୋରି କରି ନେଇଯାଇଛି। ପୁଲିସ କେସ ନମ୍ବର ୫୧/୨୫ରେ ମାମଲା ରୁଜୁ କରି ଗାଡି ସହ ଆସାମୀକୁ ପୁରୀ ଜିଲ୍ଲାର ବ୍ରହ୍ମଗିରିରୁ ଜବତ କରି ଆଜି କୋର୍ଟ ଚାଲାଣ କରିଛି।

# ବସୁଧା ଯୋଜନାରେ ଅନିୟମିତତା

**ନାଉଗାଁ, ୨୭।୩ (ସଂଚାର ବ୍ୟୁରୋ) :** ସରକାରଙ୍କ ବସୁଧା ଯୋଜନାରେ ଗାଁମାନଙ୍କରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପ୍ରତି ଘରକୁ ପାଇପ ଯୋଗେ ସଂଯୋଗ କରାଯାଉଛି। କିନ୍ତୁ ସଂଯୋଗ କରାଯାଉଥିବା ପାଇପରେ ବ୍ୟବହାର କରାଯାଉଥିବା ସକେଟ ଓ ପାଇପ ନିମ୍ନମାନର ବୋଲି ଜଣାଯାଇଛି।





ନିୟମାନୁସାରେ ଗୃହ ସଂଯୋଗ ପାଇଁ ରାସ୍ତା ପାର୍ଶ୍ୱରେ ଯାଇଥିବା ମୁଖ୍ୟ ପାଇପରୁ ୬ ମିଟର ପର୍ଯ୍ୟନ୍ତ ଗୃହକୁ ସଂଯୋଗ ପାଇପ ପ୍ରଦାନ କରାଯିବ। ଏହି ସଂଯୋଗ ପାଇଁ ଠିକାଦାରମାନଙ୍କୁ ଶ୍ରମିକ ଖର୍ଚ୍ଚ, ଷ୍ଟାଣ୍ଡ ପୋଷ୍ଟ, ଟ୍ୟାପ ଓ ପାଇପ ସଂଯୋଗ ପାଇଁ ପାଖାପାଖି ୨ହଜାର ଟଙ୍କା ପ୍ରଦାନ କରାଯାଉଛି। ସେହିପରି ରାସ୍ତାର ଅପରପାର୍ଶ୍ୱରେ ମୁଖ୍ୟ ସଂଯୋଗ ପାଇପ ରହିଥିଲେ ଉକ୍ତ ପାଇପରୁ ଗୃହ ପର୍ଯ୍ୟନ୍ତ ୧୨ମିଟର ପର୍ଯ୍ୟନ୍ତ ସଂଯୋଗ ପ୍ରଦାନ କରାଯିବ। ଏହି ୧୨ମିଟର ପାଇଁ ପାଖାପାଖି ଖର୍ଚ୍ଚ ୨ହଜାର ୬ଶହ ଟଙ୍କା ପ୍ରଦାନ କରାଯାଉଛି। ସେହିପରି ପାଇପରେ ଲଗାଯାଉଥିବା ସକେଟ ପିତଳ ସକେଟ ଲଗାଯିବାର ନିୟମ ରହିଥିବା ବେଳେ ଅଧିକାଂଶ ଠିକାଦାରମାନେ ପ୍ଲାଷ୍ଟିକ ସକେଟ ବ୍ୟବହାର କରୁଛନ୍ତି। ଯାହାଫଳରେ ନିମ୍ନମାନର ପ୍ଲାଷ୍ଟିକ ସକେଟ ଓ ପାଇପର ବ୍ୟବହାର ଯୋଗୁଁ ପାଣି ପ୍ରକଳ୍ପରୁ ଆସିବା ସମୟରେ ଉକ୍ତ ସକେଟ ଦେଇ ବାହାରକୁ ବାହାରି ଆସୁଛି। ଏପରିକି ନିମ୍ନମାନର ଜିଆଇ ପାଇପି ସହିତ ପ୍ଲାଷ୍ଟିକ ଟ୍ୟାପ ଲଗାଉଥିବାରୁ କମ ଦିନରେ ଟ୍ୟାପ ଭାଙ୍ଗି ଯାଉଥିବା ବେଳେ ଜିଆଇ ପାଇପି କଳଙ୍କି ଲାଗି ନଷ୍ଟ ହେଇଯାଉଥିବା ଅଭିଯୋଗ ହେଉଛି।

ସବୁଠାରୁ ବଡ କଥା ଘରକୁ ସଂଯୋଗ ହୋଇଥିବା ପାଇପି ଲାଇନର ଷ୍ଟାଣ୍ଡ ପ୍ରୋ ଗୋଟିଏ ମିଟର ମଧ୍ୟରେ ୩ରୁ ଉର୍ଦ୍ଧ୍ୱ ଷ୍ଟାଣ୍ଡ ପୋଷ୍ଟ ରହିଥିବା ଦେଖାଯାଉଛି। ସେହିପରି ପ୍ରକଳ୍ପ କାର୍ଯ୍ୟ ପାଇଁ ଅନୁମୋଦନ ହୋଇଥିବା ଅର୍ଥ ମଧ୍ୟରୁ ଏକ(୧) ପ୍ରତିଶତ ଅର୍ଥ ରକ୍ଷଣାବେକ୍ଷଣା ପାଇଁ ରଖାଯିବାର ନିୟମ ରହିଛି। ହେଲେ କେତେକ ପ୍ରକଳ୍ପ କାର୍ଯ୍ୟର ଅବଧି ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରତି ଗୃହକୁ ପାନୀୟ ଜଳ ପହଞ୍ଚି ପାରି ନାହିଁ। ଯାହାଫଳରେ ରକ୍ଷାଣବେକ୍ଷଣ ଅର୍ଥ ବିନା ଖର୍ଚ୍ଚରେ ବିଲ୍ ହେଉଥିବା ଅଭିଯୋଗ ହେଉଛି।

## ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ଦ୍ୱାରା ସୋଆ ପ୍ରତିଷ୍ଠାତା ସଭାପତି ସମ୍ମାନିତ



**ଭୁବନେଶ୍ୱର, ୨୭।୩ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବାଲିପୁଟ (ପୁରୀ)ର ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଅଛି। ପରିଷଦର କାର୍ଯ୍ୟକର୍ତ୍ତାମାନେ ବୁଧବାର ପ୍ରଫେସର (ଡକ୍ଟର) ନାୟକଙ୍କୁ ସୋଆ କାର୍ଯ୍ୟାଳୟରେ ଭେଟି ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଇଂ ବିଜୟ ଚନ୍ଦ୍ର ତ୍ରିପାଠୀ, ଉପଦେଷ୍ଟା ଡଃ ବିପିନାନନ୍ଦ ମିଶ୍ର, ଇଂ ଅଜୟ ତ୍ରିପାଠୀ, ରାଜେଶ ମିଶ୍ର, ପ୍ରଦୀପ୍ତ ପାଣିଗ୍ରାହୀ, ମନୋଜ ଦାସ ଓ ଅମିତ୍ କୁମାର ସାହୁଙ୍କ ସହ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଓଏସ୍‌ଡି ଇଂ ପ୍ରହଲ୍ଲାଦ ମହାନ୍ତି, ଆଇଟିଇଆର୍‌ର ପ୍ରଫେସର ପ୍ରଭାତ ପାଢ଼ି ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ପକ୍ଷରୁ ପ୍ରଫେସର (ଡକ୍ଟର) ନାୟକଙ୍କୁ ବାଲିପୁଟ ପରି ଅନୁନ୍ନତ ଗ୍ରାମାଞ୍ଚଳରେ ମୌଳିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ କ୍ଷେତ୍ରରେ ନିଆଯାଇଥିବା କାର୍ଯ୍ୟାବଳୀ ବିଷୟରେ ଅବଗତ କରାଯାଇଥିଲା ଓ ସ୍ୱାସ୍ଥ୍ୟସେବା ପାଇଁ ତାଙ୍କର ସ୍ୱତଃପ୍ରବୃତ୍ତ ଅବଦାନ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ଲଛମନଜୀଉଙ୍କ ମନ୍ଦିର ପରିସର ଓ ମେଲଣ ପଡ଼ିଆ ସଫେଇ



**ଡେରାବିଶ, ୨୭।୩ (ସଂଚାର ବ୍ୟୁରୋ) :** ଡେରାବିଶ ବ୍ଲକ ଅଁଳାବାଙ୍କ ସ୍ଥିତ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ୍ ଫିଟନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜ୍‌ମେଣ୍ଟ' ତରଫରୁ ଦୋଳଯାତ୍ରା ପରେ ବିଭିନ୍ନ ମଲେଣ ପଡ଼ିଆ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି କ୍ରମରେ ଆଜି ବ୍ଲକ ଅନ୍ତର୍ଗତ କୁଶିଆପାଳ ପଞ୍ଚାୟତର ବାଲିପାଟଣା ସ୍ଥିତ ପ୍ରଭୁ ଲଛମନଜୀଉଙ୍କ ମନ୍ଦିର ପରିସରରେ ମେଲଣରେ ହୋଇଥିବା ଅଳିଆ ଆବର୍ଜନାକୁ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ କାଙ୍ଗାଳି ଚରଣ ବାରିକ, ଅନୁଷ୍ଠାନର ପ୍ରତିଷ୍ଠାତା ସୁବେଦାର ମେଜର ବ୍ରଜକିଶୋର ସାହୁ, ଉପଦେଷ୍ଟା ସେନା କର୍ମଚାରୀ କିରଣ କମଳ ବିଶ୍ୱାଳ, ସହସମ୍ପାଦକ ମନୋଜ ମହଲା ଓ ନାରାୟଣ ବାରିକଙ୍କ ସମେତ ଅନୁଷ୍ଠାନର ବହୁ ଛାତ୍ରଛାତ୍ରୀ ଶ୍ରମଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀମାନେ ଅନୁଷ୍ଠାନକୁ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଆଶିର୍ବାଦ ପ୍ରଦାନ କରିଥିଲେ।

# ବେଟୀ ବଂଚାଅ ବେଟୀ ପଢାଅ ଶୀର୍ଷକ କର୍ମଶାଳା

**କୋଣାର୍କ, ୨୭।୩ (ସଂଚାର ବ୍ୟୁରୋ):** କୋଣାର୍କ ଯାତ୍ରୀ ନିବାସ ଠାରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଆର୍ଥିକ ସହାୟତାରେ ପୁରୀ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ବେଟୀ ବଂଚାଅ ବେଟୀ ପଢାଅ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।




ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପସଚିବ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିଥି ଭାବରେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଜ୍ୟୋତି ରଂଜନ ନାୟକ, ଗୋପ ତହସିଲଦାର ଅନିଲ କୁମାର ମହାନ୍ତି, ଗୋପ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା ଜସ୍ମିନ ଆପ୍ରୋଚ ଓ କାକଟପୁର ଥାନା ଆଇଆଇସି ଉମେଶ ସାହୁ ପ୍ରମୁଖ ଯୋଗଦେଇ କନ୍ୟା ଭ୍ରୁଣ ନିରୁପଣ କରିବା ଆଇନତଃ ଅପରାଧ ଆକ୍ଟ-୧୯୯୪କୁ କଡାକଡି ଭାବେ ପାଳନ କରି କନ୍ୟା ଜନ୍ମ ହାର ବୃଦ୍ଧି ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ମତବ୍ୟକ୍ତ କରିଥିଲେ। କନ୍ୟା ସନ୍ତାନ ମୃତ୍ୟୁ ହାର ରୋକିବା ସହିତ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣି ଶିକ୍ଷା କ୍ଷେତ୍ରରେ ସେମାନଙ୍କ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଆଲୋକପାତ କରିଥିଲେ। ଏହି ବେଟୀ ବଂଚାଅ ବେଟୀ ପଢାଅ ଶୀର୍ଷକ କର୍ମଶାଳାରେ ପୁରୀ ଜିଲ୍ଲାର ସିଡିପିଓ, ସୁପରଭାଇଜର, କୋଣାର୍କ ଅଞ୍ଚଳର ସ୍ୱାସ୍ଥ୍ୟ କର୍ମୀ ଓ କୋଣାର୍କ ଏନଏସି ଏବଂ ଗୋପ ବ୍ଲକର କେତେକ ଅଙ୍ଗନବାଡି କର୍ମୀ ମାନେ ଯୋଗଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଚନ୍ଦ୍ର ପ୍ରଭା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ଥାନୀୟ ବ୍ୟବସାୟୀଙ୍କ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୨୭।୩ (ସଂଚାର ବ୍ୟୁରୋ):** ମାର୍ଚ୍ଚ ୧୯ ତାରିଖରୁ ୧୦ ଦିନିଆ ଶୈକ୍ଷିକ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ କିଟ୍ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ପ୍ରକଳ୍ପରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଇତି ମଧରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲ ଓ କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଏକ ପ୍ରକଳ୍ପ ଉପରେ ଆଲୋଚନା କରିଛନ୍ତି।

ଏହି ସହଯୋଗିତାକୁ ପ୍ରଶଂସା କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶିକ୍ଷାର ଅନ୍ତର୍ଜାତୀୟକରଣ ପ୍ରତି କିଟ୍ ବିଶ୍ୱବିଦ୍ୟାଳୟର ଦୃଷ୍ଟିକୋଣକୁ ମଧ ପ୍ରଦର୍ଶିତ କରେ ବୋଲି କହିଛନ୍ତି । କିଟ୍ ଓ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲ ମଧରେ ଏହି ସହଭାଗିତାର ସଫଳତା ବିଶ୍ୱର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଏକ ଉଦାହରଣ ଭାବେ ନିଆଯାଇପାରେ ବୋଲି ସେ କହିଛନ୍ତି।

## କଇଜଙ୍ଗା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲିଅନ୍ତା, ୨୭।୩ (ସଂଚାର ବ୍ୟୁରୋ):** ଆଜି ବାଲିଅନ୍ତା ବ୍ଲକ ଅଧୀନ କଇଜଙ୍ଗା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଲତା ରାଉତ, ସହକାରୀ ଶିକ୍ଷୟତ୍ରୀ ସଂଗୀତା ସାହୁ, ୱାର୍ଡ ମେମ୍ବର ବେଣୁଧର ମଳିକ,ସି ଆର ସି ମନୋଜ କୁମାର ସାହୁ , ସ୍କୁଲ୍ ସଭାପତି ନିରଞ୍ଜନ ମେକାପ ଏବଂ ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜ୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲରେ 'ହାର୍ଣ୍ଣିଆ ମାଷ୍ଟର କ୍ଲାସ'

**ଭୁବନେଶ୍ୱର, ୨୭।୩ (ସଂଚାର ବ୍ୟୁରୋ) :** ହାର୍ଣ୍ଣିଆ ରୋଗର ଉପଚାର ନିମନ୍ତେ ଉପଲବ୍ଧ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଉପରେ ଫୁଲନଖରା ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ ଠାରେ ମଙ୍ଗଳବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।



'ହାର୍ଣ୍ଣିଆ ମାଷ୍ଟର କ୍ଲାସ୍' ଭାବେ ନାମିତ ଏହି କର୍ମଶାଳାରେ ହସ୍ପିଟାଲର ଶଲ୍ୟ ଚିକିତ୍ସକ ଓ ପୋଷ୍ଟ ଗ୍ରାଜୁଏଟ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନୂଆଦିଲ୍ଲୀ ସ୍ଥିତ ମାକ୍ସ ସୁପରସ୍ପେଶିଆଲିଟି ହସ୍ପିଟାଲର ଲେଜର, ଲାପ୍ରାସ୍କୋପିକ ଓ ରୋବୋଟିକ ସର୍ଜନ ପ୍ରଫେସର (ଡାକ୍ତର) ନୀରଜ ଗୋୟଲ ଏହି କର୍ମଶାଳାରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏହି କର୍ମଶାଳାର ଆରମ୍ଭରେ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ତଥା ବିଶିଷ୍ଟ ଶଲ୍ୟ ଚିକିତ୍ସକ ପ୍ରଫେସର (ଡାକ୍ତର) ମାନସ ରଞ୍ଜନ ସାହୁ ଯୋଗ ଦେଇ ଏହି ପ୍ରକାର କର୍ମଶାଳାର ଆୟୋଜନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏପରି କର୍ମଶାଳାର ଅନେକ ଗୁରୁତ୍ୱ ରହିଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସେନଜିତ ମହାନ୍ତି, ଫୁଲନଖରା ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ-୨ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା, ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର (ଡାକ୍ତର) ମହମ୍ମଦ ଜାଭେଦ ଅଖତାର ଓ ସର୍ଜରୀ ବିଭାଗ ଆସୋସିଏଟ୍ ପ୍ରଫେସର (ଡାକ୍ତର) ଚିନ୍ମୟ ରଞ୍ଜନ ବେହେରା ବକ୍ତବ୍ୟ ରଖିଥିଲେ।

## ବାରୁଣୀ ସ୍ନାନରେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

**ବାଲିଆପାଳ, ୨୭।୩ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଡଗରା, ଚଉମୁଖ ଓ ଯମୁନାଶୂଳର ସମୁଦ୍ର ବେଳାଭୂମି ଆଜି ବାରୁଣୀସ୍ନାନ ପାଇଁ ଚଳଚଞ୍ଚଳ ହୋଇଉଠିଥିଲା। ଜିଲ୍ଲା ତଥା ଜିଲ୍ଲା ବାହାର ସହିତ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ହଜାର ହଜାର ଲୋକ ସମୁଦ୍ରରେ ବୁଡ଼ ପକାଇଛନ୍ତି। ପ୍ରାୟତଃ ଡଗରା ବେଳାଭୂମିରେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଆଜିର ଦିନରେ ମହୋଦଧିରେ ସ୍ନାନ କଲେ କୋଟି ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ସ୍ନାନ ପରେ ଅନେକ ଶ୍ରଦ୍ଧାଳୁ ଦାନ ଧର୍ମ କରୁଥିବା ଦେଖିବାକୁ ମିଳିଥିଲା।



## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଶିକ୍ଷଣୀୟ ପରିଭ୍ରମଣ

**ବୋରିଗୁମ୍ମା, ୨୭।୩ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ମାଧମରେ ବୋରିଗୁମ୍ମା ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଶିକ୍ଷଣୀୟ ପରିଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷାଧାକାରୀ ଡ଼. ସଚିନ ମଲ୍ଲିକଙ୍କ ଅଧକ୍ଷତାରେ ପ୍ରାୟ ୬ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଜୟପୁରସ୍ଥିତ ଜିଲ୍ଲା ବିଜ୍ଞାନ କେନ୍ଦ୍ର, ଆମ୍ବାଗୁଡ଼ା ସ୍ଥିତ ଗୋପବନ୍ଧୁ ଶିଳ୍ପ ତାଲିମ କେନ୍ଦ୍ର, ରଣ୍ଡାପାଲ୍ଲୀ ନଲିଟେକ୍‌ନିକ ମହାବିଦ୍ୟାଳୟ, ଦୁଗ୍ଧ ଉତ୍ପାଦନ କେନ୍ଦ୍ର, ଜୟପୁର ଏୟାରପୋର୍ଟ, ସ୍ୱାମୀନାଥନ କୃଷି ଗବେଷଣା କେନ୍ଦ୍ର, ବାରିଣିପୁଟର ଓଏଚପିସି ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଆଦି ପରିଭ୍ରମଣ କରି ବିଜ୍ଞାନ ସମ୍ବନ୍ଧିୟ ତଥ୍ୟ ଓ ଜ୍ଞାନ ଆହରଣ। କରିଥିଲେ। ଏଥିରେ ସମସ୍ତ ସିଆରସିସି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ମାଝୀ, ସଂଯୁକ୍ତା



ପଣ୍ଡା, କାର୍ଯ୍ୟାଳୟର କର୍ମଚାରୀ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମୃତ୍ୟୁଞ୍ଜୟ ପଣ୍ଡା ସମ୍ପାଦକ ଏନ. କାମେଶ୍ୱର ରାଓ ଉପଦେଷ୍ଟା ସୁବାଷ ପ୍ରଧାନ, ସୁଶାନ୍ତ ନାୟକ, ନିରଞ୍ଜନ ସ୍ୱାଇଁ, ହରିହର ଶତପଥି, ସୁଶାନ୍ତ ଶତପଥି, ନାଗେଶ୍ୱର ରାଓ, ରାକେଶ ଦାସ, ପବିତ୍ର ଭୋଇ, ଶିବଗାଦବା, ରବୀନ ସାହୁ, ସଞ୍ଜୟ ତ୍ରିପାଠୀ, ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

